୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ
PARYABEKHYAK पर्यवेक्षक

Vol.27. No.96 Bhubaneswar Friday May 23 2025 | ୨୭ତମ ବର୍ଷ ସଂଖ୍ୟା-୯୬ ଭୁବନେଶ୍ୱର, ଶୁକ୍ରବାର, ମଇ ୨୩, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# କଳିଙ୍ଗନଗରରେ ୧.୧୫ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଭେଟିଦେଲେ ମୁଖ୍ୟମନ୍ତ୍ରୀ, ୩୬ହଜାର ନୂଆ ନିଯୁକ୍ତି ସମ୍ଭାବନା



ଭୁବନେଶ୍ୱର,୨୨।୫(ପି.ଏନ): ଯାଜପୁରର କଳିଙ୍ଗନଗର ଶିଳ୍ପାଂଚଳରେ ୧ ଲକ୍ଷ ୧୫ ହଜାର କୋଟି ଟଙ୍କାର ବିଭିନ୍ନ ଶିଳ୍ପ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ । ଏହି ୧.୧୫ଲକ୍ଷ କୋଟି ଟଙ୍କାର ପ୍ରକଳ୍ପକୁ ଭେଟିଦେବା ସହ ପ୍ରାୟ ୩୬ହଜାର ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟିର ସମ୍ଭାବନା ରହିଥିବା ଜଣାପଡିଛି । ଆଜିର ଏହି କାର୍ଯ୍ୟକ୍ରମରେ ୬୬ହଜାର କୋଟି ଟଙ୍କାର ୨୦ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଏବଂ ୪୯ ହଜାର କୋଟି ଟଙ୍କାର ୪ଟି ନୂତନ ପ୍ରକଳ୍ପର ଉଦଘାଟନ କରାଯାଇଛି ।

**ସମୃଦ୍ଧ ଓଡିଶା ନିର୍ମାଣର ଶୁଭାରମ୍ଭ: ମୁଖ୍ୟମନ୍ତ୍ରୀ**

ଆଜିର ଏହି କାର୍ଯ୍ୟକ୍ରମ କେବଳ ଶିଳାନ୍ୟାସ ଉଦଘାଟନ ନୁହେଁ, ଏହା ହେଉଛି ସମୃଦ୍ଧ ଓଡିଶାର ଭବିଷ୍ୟତର ନିର୍ମାଣ । ଏହିସବୁ ପ୍ରକଳ୍ପ ଯୋଗୁଁ ୩୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଏହା ଏକ ସଂଖ୍ୟା ନୁହେଁ । ପ୍ରତ୍ୟେକ ନିଯୁକ୍ତିର ଅର୍ଥ ହେଉଛି ଆମ ଗାଁର ଜଣେ ଯୁବକଙ୍କୁ ଆଉ ନିଯୁକ୍ତି ବାହାରକୁ ଯିବାକୁ ପଡିବ ନାହିଁ । ରାଜ୍ୟରେ ନିଯୁକ୍ତିର ଏକ ନୂଆ ଲହର ସୃଷ୍ଟି ହୋଇଛି । ଆଜି କଳିଙ୍ଗ ନଗର ଠାରେ ୨୦ଟି ଶିଳ୍ପର ଶିଳାନ୍ୟାସ କରାଗଲା । ଏହା ସମ୍ଭବ ହୋଇଛି, ଆମ ସରକାରଙ୍କ ଦୃ? ଇଚ଼୍ଛାଶକ୍ତି ଯୋଗୁଁ । ଆଜି ଆମ ସରକାର ନିଜର ଦୃଢ ଇଚ଼୍ଛା ଶକ୍ତିର ନିଦର୍ଶନ ଦେଖାଇଛନ୍ତି । ମାତ୍ର ୧୧୩ ଦିନ ମଧ୍ୟରେ ଦେଇଥିବା ପ୍ରତିଶ୍ରୁତି ଆମ ସରକାର ପୂରଣ କରିଛନ୍ତି । ଆଜି ଏହି ଯେଉଁ ସବୁ ପ୍ରକଳ୍ପ ଆପଣମାନଙ୍କ ସମ୍ମୁଖରେ ଭିତ୍ତିପ୍ରସ୍ତର ସ୍ଥାପନ ହେଲା, ଏହି ସମସ୍ତ ପ୍ରକଳ୍ପର ମେକ ଇନ ଓଡିଶା କନକ୍ଲେଭରେ ସ୍ୱାକ୍ଷରିତ ହୋଇଥିଲା । ଏହି ପ୍ରକଳ୍ପ ସବୁ ମାଧ୍ୟମରେ ଲକ୍ଷାଧିକ ଓଡିଆ ଯୁବକ ଓ ଯୁବତୀ ନିଜ ରାଜ୍ୟର ମାଟିରେ ନିଜ ସ୍ୱପ୍ନ ପୂରଣ କରିପାରିବେ । ଏହା କେବଳ ଚ଼ାକିରି ନୁହେଁ, ଯୁବବର୍ଗଙ୍କ ପାଇଁ ଏହା ସ୍ୱାଭିମାନ, ଏହା ନୂଆ ଓଡିଶାର ନୂଆ ପରିଚ଼ୟ । ଏହା ସମୃଦ୍ଧ ଓଡିଶାର ଅୟମାରମ୍ଭ । ରାଜ୍ୟର ଶିଳ୍ପ ବିକାଶର ଏକ୍ସୁଡିଶାଳ ହେଉଛି ଶିଳ୍ପ ସମୃଦ୍ଧ କଳିଙ୍ଗ ନଗର । ମେକ୍ ଇନ୍ ଓଡିଶା କନକ୍ଲେଭ-ଉତ୍କର୍ଷ ଓଡିଶାର ଚ଼ମତ୍କାର ସଫଳତା ବଳରେ ୧୭ ଲକ୍ଷ କୋଟି ଟଙ୍କାର ନିବେଶ ପାଇଥିଲୁ । ଆଉ ଆଜି, ବାସ୍ତବତା ଭୂମିରେ ଦୃଶ୍ୟମାନ ହେଉଛି ଯେ ଓଡିଶା ଆଉ କେବଳ ସମ୍ଭାବନାର ଭୂମି ନୁହେଁ, ଏହା ହେଉଛି ସୀମାହୀନ ସୁଯୋଗର ଭୂମି ।

**ଶିଳ୍ପ ସମୃଦ୍ଧିର ପ୍ରତୀକ କଳିଙ୍ଗନଗର**

ଏହି ଅବସରରେ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ କହିଥିଲେ ଯେ, ଓଡିଶାବାସୀଙ୍କ ବିଶ୍ୱାସକୁ ସାଥି କରି ଆମ ସରକାର କାର୍ଯ୍ୟ କରୁଛି ଏବଂ ଓଡିଶା ବିକାଶ ପଥରେ ଆଗେଇ ଚ଼ାଲିଛି । ଶିଳ୍ପର ବିକାଶ ଆମ ପ୍ରଥମ ଉଦେ୍?ଦଶ୍ୟ ଥିଲା ଆଉ ସେହି ଉଦେ୍?ଦଶ୍ୟ କୁ ଆମ ସରକାର ସଫଳ କରୁଛନ୍ତି ବୋଲି ସେ କହିଥିଲେ । ସେହିପରି ଶିଳ୍ପମନ୍ତ୍ରୀ ସଂପଦ ଚ଼ନ୍ଦ୍ର ସ୍ୱାଇଁ କହିଥିଲେ ଯେ, ରାଜ୍ୟର ଆର୍ଥିକ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଯୁବଶକ୍ତି ଏବଂ ଯୁବଶକ୍ତିର ବିକାଶ ପାଇଁ ରୋଜଗାର ଆବଶ୍ୟକ । ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଜି ଆମ ସରକାରଙ୍କ ଉଦ୍ୟମ ସଫଳ ହେଉଛି । ଶିଳ୍ପର ବିକାଶ ହେଉଛି ଏବଂ ଏହା ଦ୍ୱାରା ଆମ ରାଜ୍ୟର ବିକାଶ ହେଉଛି ।

ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶଦାସ ନାୟକ, ବଡଚ଼ଣା ବିଧାୟକ ଅମର ନାୟକ ପ୍ରମୁଖଙ୍କ ସମେତ ଟାଟା ଷ୍ଟିଲ୍ ସିଇଓ ଟି.ଭି. ନରେନ୍ଦ୍ରନ, ଇମ୍ପା ପରିଚ଼ାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ରାଜ୍ୟର ବିଭିନ୍ନ ଶିଳ୍ପ ସଂସ୍ଥାର ଶିଳ୍ପପତି ମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# କଂଗ୍ରେସ ଧାରଣାକୁ ଆସିଲେନି ବରିଷ୍ଠ ନେତା



ଭୁବନେଶ୍ୱର,୨୨।୫(ପି.ଏନ): ଓବିସି ସଂରକ୍ଷଣ ଦାବି ନେଇ ଦିବାରାତ୍ର ଧାରଣାରେ କଂଗ୍ରେସ । ହେଲେ ଧାରଣାସ୍ଥଳରେ କୌଣସି ବରିଷ୍ଠ ନେତାଙ୍କୁ ଦେଖିବାକୁ ମିଳିନି । କେବଳ ପିସିସି ସଭାପତି ଭକ୍ତ ଦାସ, ସୁରେଶ କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ଅମର ପ୍ରଧାନ, ରାମଚ଼ନ୍ଦ୍ର ଖୁଣ୍ଟିଆ ଓ ଶରତ ରାଉତଙ୍କ ଭଳି କିଛି ନେତାଙ୍କୁ ଛାଡି ଦେଲେ ଅନ୍ୟ କେହି ନଥିଲେ । ଜୟଦେବ ଜେନା, ଶ୍ରୀକାନ୍ତ ଜେନା, ମହମ୍ମଦ ମୋକିମ, ତାରା ବାହିନୀପତି, ନିରଂଜନ ପଟ୍ଟନାୟକ ଭଳି ନେତାମାନେ ବି ଅନୁପସ୍ଥିତ ଥିଲେ । ଏହାକୁ ନେଇ ଦଳ ଭିତରେ ଏବେ ପ୍ରବଳ ଘଣ୍ଟାଚ଼କଟା ଆରମ୍ଭ ହୋଇଛି । ଏହି ଅନ୍ଦୋଳନରେ କେବଳ ଓବିସି ନେତାମାନେ ଯୋଗଦେବେ ବୋଲି ପିସିସି କହିଥିବା ଆଲୋଚ଼ନା ହେଉଛି । ଯେଉଁଥିପାଇଁ ଅନ୍ୟ ନେତାମାନେ ଯୋଗଦେଇନଥିବା କୁହାଯାଉଛି । କିନ୍ତୁ ଓବିସି ସଂପର୍କରେ ବରାବର କହିଆସିଥିବା ଶ୍ରୀକାନ୍ତ ଜେନା ଧାରଣାସ୍ଥଳକୁ ନଆସିବା ନେଇ ଅନେକ ପ୍ରଶ୍ନବାଚ଼ୀ ସୃଷ୍ଟି କରିଛି । ପିସିସି ସଭାପତି ଆସନ୍ତାକାଲି ଏକ ଜରୁରୀ ବୈଠକ କଂଗ୍ରେସ ଭବନରେ ଡାକିଥିବା ସୂଚ଼ନା ରହିଛି ।

# ସତ୍ୟ ବ୍ରତ ନାୟକ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ନିଯୁକ୍ତ



ଭୁବନେଶ୍ୱର,୨୨।୫(ପି.ଏନ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରଯୁକ୍ତ ଭକ୍ତ ଚ଼ରଣ ଦାସ ଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ର ପୂର୍ବତନ ସାଧାରଣ ସଂପାଦକ ତଥା ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ର ଜାତୀୟ ସାଂଗଠାନିକ ସଂପାଦକ ଶ୍ରୀ ସତ୍ୟ ବ୍ରତ ନାୟକ ଙ୍କୁ ବର୍ତ୍ତମାନ ନୂତନ ଭାବେ ନୟାଗଡ଼ ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ନିଯୁକ୍ତ କରାଯାଇଛି । ଶ୍ରୀ ନାୟକ ପୂର୍ବରୁ ଛାତ୍ର କଂଗ୍ରେସ କମିଟି ସାଧାରଣ ସଂପାଦକ ଯୁବ କଂଗ୍ରେସ୍ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଂପାଦକ ଓ ସାଧାରଣ ସଂପାଦକ ଯୁବ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ର ରାଜ୍ୟ ସଭାପତି ଭାବରେ ଦାୟିତ୍ୱ ତୁଲାଇ ଆସିଛନ୍ତି ଏବଂ ବର୍ତ୍ତମାନ ସେ ରାଷ୍ଟ୍ରୀୟ ମଜଦୂର କଂଗ୍ରେସ ର ରାଜ୍ୟ ଯୁଗ୍ମ ସଧାରଣ ସମ୍ପାଦକ ଓ ଜାତୀୟ ସାଂଗଠାନିକ ସଂପାଦକ ସହିତ ନୟାଗଡ଼ ଜିଲ୍ଲା ସଭାପତି ଭାବରେ ଦାୟିତ୍ୱ ନିର୍ବାହ କରିଆସୁଛନ୍ତି ଏହା ସହିତ ରାଜ୍ୟ ରାଜୀବ ଗାନ୍ଧୀ ଛାତ୍ର ଫୋରମ ପ୍ରତିଷ୍ଠାତା ସଭପତି ଭାବେ ଦୀର୍ଘ ୩୦ ବର୍ଷ ଧରି କାର୍ଯ୍ୟକ୍ରମ କରି ଆସୁଚ଼ନ୍ତି ନୟାଗଡ଼ ଜିଲ୍ଲା କଂଗ୍ରେସ ସଂଗଠନ କୁ ସୁସଂଗଠିତ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚ଼ରଣ ଦାସ ସତ୍ୟ ବ୍ରତ ନାୟକ ଙ୍କ ଉପରେ ଆସ୍ଥା ପ୍ରକଟ କରିଥିବାରୁ ଏହି ନୂତନ ନିଯୁକ୍ତି ପାଇଁ ଶ୍ରୀ ନାୟକ ପ୍ରଦେଶ କଂଗ୍ରେସ କମିଟି ସଭାପତି ଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# କାଲି ବିଜେଡି ଆଜି କଂଗ୍ରେସର ଗର୍ଜନ, ଓବିସିଙ୍କୁ ଶିକ୍ଷା, ନିଯୁକ୍ତିରେ ୨୭% ସଂରକ୍ଷଣ ଦାବିରେ ଆନ୍ଦୋଳନ



ଭୁବନେଶ୍ୱର : ବିଜେଡି ରାସ୍ତାରେ କଂଗ୍ରେସ । ୧୧.୨୫ ନୁହେଁ । ଦିଅ ୨୭ ପ୍ରତିଶତ ସଂରକ୍ଷଣ । ଯାହାର ସଂଖ୍ୟା ଯେତେ ତାର ଭାଗ ସେତେ। ପଛୁଆବର୍ଗଙ୍କୁ ଶିକ୍ଷା, ନିଯୁକ୍ତି ୨୭ ପ୍ରତିଶତ ସଂରକ୍ଷଣ ଦେବାନେଇ ଆନ୍ଦୋଳନକୁ ଓହ୍ଲାଇଛି କଂଗ୍ରେସ । ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେରେ ୨୪ ଘଣ୍ଟିଆ ଅହରାତ୍ର ଧାରଣା ଦେଇଛି ଦଳ । ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତା ଓ କର୍ମୀ ପଛୁଆବର୍ଗଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦେବାକୁ ଦାବି କରିଛନ୍ତି । ଅନ୍ୟ ରାଜ୍ୟରେ ୨୭ ପ୍ରତିଶତ ସଂରକ୍ଷଣ ମିଳିପାରୁଛି ଓଡିଶାରେ କାହିଁକି ହେବନି । ସରକାରଙ୍କ ଆନ୍ତରିକତା ରହିଲେ ଖାଲି ସରକାରୀ ସ୍ତରରେ ନୁହେଁ ବେସରକାରୀ ନିଯୁକ୍ତିରେ ବି ୨୭ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ ହୋଇପାରିବ । ଏସସି-ଏସଟି ଛାତ୍ରଛାତ୍ରୀମାନଙ୍କୁ ମେଡିକାଲ ଓ ବୈଷୟିକ ଶିକ୍ଷାରେ ୪୦ ପ୍ରତିଶତ ସଂରକ୍ଷଣ ନେଇ ଦଳ ଦାବି କରିଛି । ଆଗାମୀ ଦିନରେ କଂଗ୍ରେସ ଦଳ ଏହି ଆନ୍ଦୋଳନକୁ ଗାଁ ଗାଁରେ ପହଞ୍ଚାଇବ ବୋଲି ଚେତାବନୀ ଦେଇଛି ।୨୭ ପ୍ରତିଶତ ସଂରକ୍ଷଣ ଦାବିରେ କଂଗ୍ରେସର ଗୋଟିଏ ପରେ ଗୋଟିଏ ନେତା ମୋହନ ସରକାରଙ୍କୁ ଟାର୍ଗେଟ କରିଥିଲେ । ଜାତିଭିତ୍ତିକ ଜନଗଣନା କେନ୍ଦ୍ର ସରକାର କେବେ କରିବେ ତାହାର ବି ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିବାକୁ କଂଗ୍ରେସ ଦାବି କରିଛି । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ପଛୁଆ ବର୍ଗଙ୍କ ପାଇଁ ସବୁବେଳେ ବିଜେଡି ଲଢେଇ କରି ଆସିଛି । ପଛୁଆ ବର୍ଗଙ୍କୁ ମେଡିକାଲ ଓ ଇଂଜିନିୟରିଂ ଶିକ୍ଷାରେ ୨୭ ପ୍ରତିଶତ ସଂରକ୍ଷଣ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଦିଲ୍ଲୀରୁ ପଲ୍ଲୀ ଯାଏ ଦଳ ଜାରି ରଖିବ । ସେପଟେ କଂଗ୍ରେସର ୨୪ ଘଣ୍ଟିଆ ଅହୋରାତ୍ର ଧାରଣାକୁ ନେଇ ପ୍ରଶ୍ନ ଉଠାଇଛି ଶାସକ ଦଳ । କଂଗ୍ରେସର ପ୍ରତିବାଦକୁ ତାସ୍ଛଲ୍ୟ କରିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ପଛୁଆ ବର୍ଗକୁ ସଂରକ୍ଷଣ ଦାବିରେ ଦୁଇ ବିରୋଧୀ ବିଜେଡି ଓ କଂଗ୍ରେସ ଏକ୍ ହେବା ଫଳରେ ବ୍ୟାକ ଫୁଟରେ ରାଜ୍ୟ ସରକାର । ଯାହା ରାଜ୍ୟ ସରକାରଙ୍କ ଚ଼ିନ୍ତା ବଢାଇ ଦେଇଛି ।

# ବିଜେପିର ବିଫଳତାକୁ ଲୋକଙ୍କ ପାଖରେ ପହଞ୍ଚାଇବ ବିଜେଡି



ଭୁବନେଶ୍ୱର,୨୨।୫(ପି.ଏନ) ଦେଖୁ ଦେଖୁ ବିଜେପି ସରକାରର ଏକ ବର୍ଷ ପୂରିବାକୁ ଯାଉଛି । ଗତ ବର୍ଷ ଜୁନ ୧୨ ତାରିଖରେ ଶପଥ ନେବା ମାତ୍ରେ, ଶହେ ଦିନରେ ସବୁ କାମ କରିବାର ପ୍ରତିଶ୍ରୁତି ଦେଇଥିଲା ବିଜେପି । ହେଲେ ଯେଉଁ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଛି ବିଜେପି, ତାକୁ ଏ ଯାଏ ପାଳନ କରାଯାଇ ନଥବା ଅଭିଯୋଗ କରିଛି ବିଜେଡି । ସେପଟେ ବର୍ଷ ପୂର୍ତ୍ତିକୁ ବିରାଟ ଆକାରରେ ଏକ ସପ୍ତାହ ବ୍ୟାପୀ ପାଳିବାକୁ ବିଜେପି ଯୋଜନା କରିଛି । ବିଜେପିର ସଫଳତାର ମିଛକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଶଂଖ ଭବନରେ ବିଜେଡିର ବେ?ଠକ ବସିଥିଲା । କିପରି ସରକାରୀ ବିଫଳତାର ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଯିବ, ସେ ନେଇ ଆସନ୍ତା ୨୭ ତାରିଖରେ ବସିବ ଚୂଡ଼ାନ୍ତ ବେ?ଠକ । ବିଜେଡି ପ୍ରସ୍ତୁତ କରୁଛି ବିଜେପିର ମିଛ ପ୍ରତିଶ୍ରୁତିର ଲମ୍ବା ତାଲିକା ? କୁଆଡ଼? ଗଲା ୩୦୦ ୟୁନିଟ ମାଗଣା ବିଜୁଳି ? କାହିଁକି ପ୍ରତି ଦୁଇ ବର୍ଷରେ ମହିଳା ପାଇବେନି ସୁଭଦ୍ରାର ୫୦ ହଜାର ଟଙ୍କା ? କାହିଁକି ବଢିଲାନି ଏମଏସପି ? ସମସ୍ତେ କାହିଁକି ପାଇବେନି ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ? କାହିଁକି ବିଗିଡ଼ିଲା ଆଇନଶୃଂଖଳା ? ଦରଦାମ ନିୟନ୍ତ୍ରଣ ହେଲାନି କାହିଁକି ? ର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ବିରୋଧରେ କାହିଁକି ହେଲାନି କାର୍ଯ୍ୟାନୁଷ୍ଠାନ ? କାହିଁକି ମୁହଁ ମାଡ଼ି ପଡ଼ିଗଲେ ମହାପ୍ରଭୁ ବଳଭଦ୍ର ? କାହିଁକି ଲିଙ୍ଗରାଜଙ୍କ ମହାଦୀପ ଉଠିବା ସମୟରେ ଭିଡ଼ ଅସମ୍ଭାଳ ହେଲା ? ନାରୀ ନିର୍ଯାତନା, ଶିଶୁ ଚୋରି, ଧର୍ଷଣ, ଅପହରଣ ବଢୁଛି କାହିଁକି ? ଏପରି ପ୍ରଶ୍ନର ଲମ୍ବା ତାଲିକା କରିଛି ବିଜେଡି। ଗୋଟିଏ ପଟେ ସରକାର ସଫଳତାର ଡିଣ୍ଡିମ ପିଟିବାକୁ ସଜବାଜ ହେଉଛି । ଅନ୍ୟପଟେ ବିଧାନସଭାରେ ନିଜ ବିଫଳତାକୁ ସ୍ୱୀକାର ବି କରୁଛନ୍ତି । ଯେମିତିକି ନାରୀ ବିରୋଧରେ ହିଂସାକୁ ମାନିଛନ୍ତି ସରକାର । ଗତ ୮ ମାସରେ ୧୮ ହଜାର ୧ଟି ମହିଳା ବିରୋଧୀ ଅପରାଧ ମାମଲା ରୁଜୁ ହୋଇଛି । ସେଥିରୁ ୧୭ ହଜାର ୨୧ ଟି ମାମଲା ବିଚ଼ାରାଧୀନ ଥିବା ବେଳେ ୭୩୮ ଟି ମାମଲାରେ ଚ଼ାର୍ଜସିଟ ଦିଆଯାଇଛି । ୨୧୭ଟି ମାମଲାର ଫଇସଲା ସରିଥିବା ବେଳେ ୨୫ଟି ମାମଲାରେ ଫାଇନାଲ ରିପୋର୍ଟ ପ୍ରଦାନ କରାଯାଇଛି ।ସେହିପରି ୨୦୨୫ ଜାନୁଆରୀ ଥିଲା ଅପରାଧର ମାସ । କେବଳ ଏହି ଗୋଟିଏ ମାସରେ ୧୧୧ ହତ୍ୟା, ୨୦ ଡକାୟତି, ୧୫୦୯ ଚୋରି, ୧୦୧ ଦଙ୍ଗା, ୧୯୪ ସାଇବର ଅପରାଧ, ୬୫୫ ଅସଦାଚ଼ରଣ, ୭୯ ଯୌନ ନିର୍ଯାତନା, ୧୪୯ ସର୍ବସାଧାରଣରେ ମହିଳାଙ୍କୁ ଅସଦାଚ଼ରଣ, ୧୧ ଅଶ୍ଳୀଳ ଭିଡିଓ ଉତ୍ତୋଳନ ଓ ୩୧ଟି ମହିଳାଙ୍କୁ ହଇରାଣ କରିବା ମାମଲା ରୁଜୁ ହୋଇଥିବା ନେଇ ବିଧାନସଭାରେ ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି । ଏହି ତାଲିକାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ସ୍ଥାନରେ ଏହା ବଢିବାରେ ଲାଗିଛି । ସରକାରୀ ବିଫଳତାକୁ ଲୋକେ ଅନୁଭବ କରୁଥିବା ବିଜେଡି ଦାବି କରିଛି । ନବୀନ ପଟ୍ଟନାୟକ ସରକାର ସମୟର ଯୋଜନା ଗୁଡ଼ିକରେ ନାଁ ଓ ରଙ୍ଗ ବଦଳାଇ ଏକ ବର୍ଷ ଅତିକ୍ରମ କରିବାକୁ ଯାଉଛି ବିଜେପି ସରକାର । ନୂଆ କଣ କରିବେ, ତାହା ଏ ଯାଏଁ ସ୍ପଷ୍ଟ ହୋଇନି । କେବଳ ବଜେଟର ଆକାର ବଢିଛି । ହେଲେ ସଂପୂର୍ଣ୍ଣ ବଜେଟ ଖର୍ଚ୍ଚ କରିବାରେ ବି ସରକାର ବିଫଳ ହୋଇଛନ୍ତି । ଦେଖୁ ଦେଖୁ ବିଜେପି ସରକାରର ଏକ ବର୍ଷ ପୂରିବାକୁ ଯାଉଛି । ଗତ ବର୍ଷ ଜୁନ ୧୨ ତାରିଖରେ ଶପଥ ନେବା ମାତ୍ରେ, ଶହେ ଦିନରେ ସବୁ କାମ କରିବାର ପ୍ରତିଶୃତି ଦେଇଥିଲା ବିଜେପି । ହେଲେ ଯେଉଁ ପ୍ରତିଶୃତି ଦେଇ କ୍ଷମତାକୁ ଆସିଛି ବିଜେପି, ତାକୁ ଏ ଯାଏ ପାଳନ କରାଯାଇ ନଥବା ଅଭିଯୋଗ କରିଛି ବିଜେଡି । ସେପଟେ ବର୍ଷ ପୂର୍ତ୍ତିକୁ ବିରାଟ ଆକାରରେ ଏକ ସପ୍ତାହ ବ୍ୟାପୀ ପାଳିବାକୁ ବିଜେପି ଯୋଜନା କରିଛି । ବିଜେପିର ସଫଳତାର ମିଛକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଶଂଖ ଭବନରେ ବିଜେଡିର ବେ?ଠକ ବସିଥିଲା । କିପରି ସରକାରୀ ବିଫଳତାର ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଯିବ, ସେ ନେଇ ଆସନ୍ତା ୨୭ ତାରିଖରେ ବସିବ ଚୂଡ଼ାନ୍ତ ବେ?ଠକ । ବିଜେଡି ପ୍ରସ୍ତୁତ କରୁଛି ବିଜେପିର ମିଛ ପ୍ରତିଶୃତିର ଲମ୍ବା ତାଲିକା ? କୁଆଡ଼? ଗଲା ୩୦୦ ୟୁନିଟ ମାଗଣା ବିଜୁଳି ? କାହିଁକି ପ୍ରତି ଦୁଇ ବର୍ଷରେ ମହିଳା ପାଇବେନି ସୁଭଦ୍ରାର ୫୦ ହଜାର ଟଙ୍କା ? କାହିଁକି ବଢିଲାନି ଏମଏସପି ? ସମସ୍ତେ କାହିଁକି ପାଇବେନି ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ? କାହିଁକି ବିଗିଡ଼ିଲା ଆଇନଶୃଂଖଳା ? ଦରଦାମ ନିୟନ୍ତ୍ରଣ ହେଲାନି କାହିଁକି ? ପୂର୍ବତନ ରାଜ୍ୟପାଳ ରଘୁବର ଦାସଙ୍କ ପୁଅ ବିରୋଧରେ କାହିଁକି ହେଲାନି କାର୍ଯ୍ୟାନୁଷ୍ଠାନ ? କାହିଁକି ମୁହଁ ମାଡ଼ି ପଡ଼ିଗଲେ ମହାପ୍ରଭୁ ବଳଭଦ୍ର ? କାହିଁକି ଲିଙ୍ଗରାଜଙ୍କ ମହାଦୀପ ଉଠିବା ସମୟରେ ଭିଡ଼ ଅସମ୍ଭାଳ ହେଲା ? ନାରୀ ନିର୍ଯାତନା, ଶିଶୁ ଚୋରି, ଧର୍ଷଣ, ଅପହରଣ ବଢୁଛି କାହିଁକି ? ଏପରି ପ୍ରଶ୍ନର ଲମ୍ବା ତାଲିକା କରିଛି ବିଜେଡି ।ଗୋଟିଏ ପଟେ ସରକାର ସଫଳତାର ଡିଣ୍ଡିମ ପିଟିବାକୁ ସଜବାଜ ହେଉଛି ।










# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତ୍ତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତ୍ତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟରୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମ୍ପିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ଵିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥେଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# “ଉତ୍ର” ତରଫରୁ ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀରେ ନୂତନ ବସ୍ତ୍ର ବଂଟନ



ଭୁବନେଶ୍ୱର (ପିଏନ୍): ଓଡିଆ ସିନେ ଜଗତର ବର୍ଷିଆନ ଲୋକପ୍ରିୟ ଅଭିନେତ୍ରୀ ସ୍ୱର୍ଗତାଃ ଅନିତା ଦାସଙ୍କ ଜନ୍ମଦିନ ଅକ୍ଟୋବର ୧ । ସେହି ଦିନକୁ ମନେରିଖିବା ପାଇଁ ଆଜି “ଉତ୍ର ଚାରିଟେବୁଲ୍ ଟ୍ରଷ୍ଟ”ର ପରାମର୍ଶଦାତା ତଥା “ମୋ କଲେଜ” ଅଧ୍ୟକ୍ଷ (ଓଡିଶା ସରକାର) ଆକାଶ ଦାସନାୟକଙ୍କ ନେତୃତ୍ୱରେ “ଉତ୍ର” ତରଫରୁ ଭୁବନେଶ୍ୱର ମହାନଗର ନିଗମ, ୱାର୍ଡ ନଂ-୮ (ଚନ୍ଦ୍ରଶେଖରପୁର) ସ୍ଥିତ ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀ “ଜାତୀୟ ସହରାଂଚଳ ଜୀବିକା ମିଶନ୍”ର ସମସ୍ତ ଅନ୍ତେବାସୀଙ୍କୁ ନୂତନ ବସ୍ତ୍ର ପ୍ରଦାନ କରାଯାଇଥିଲା । ଆଶ୍ରୟସ୍ଥଳୀର ଅନ୍ତେବାସୀଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ “ଉତ୍ର ଚାରିଟେବୁଲ ଟ୍ରଷ୍ଟ”ର ଏହା ଥିଲା ଏକ ନିଆରା ପ୍ରୟାସ । ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀର ଅନ୍ତେବାସୀମାନେ ସ୍ୱର୍ଗତାଃ ଅନିତା ଦାସଙ୍କ ଜନ୍ମଦିନକୁ ମନେ ପକାଇବା ସହିତ ଶ୍ରଦ୍ଧାଞ୍ଜଳୀ ଜ୍ଞାପନପୂର୍ବକ ସ୍ମୃତିଚାରଣ କରିଥିଲେ । ସହରାଂଚଳ ବାସଶୂନ୍ୟ ଆଶ୍ରୟସ୍ଥଳୀର ଅନ୍ତେବାସୀମାନେ ସ୍ୱର୍ଗତାଃ ଦାସଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି ବସ୍ତ୍ର ବଂଟନ କାର୍ଯ୍ୟକ୍ରମରେ “ଉତ୍ର ଚାରିଟେବୁଲ ଟ୍ରଷ୍ଟ”ର ପରାମର୍ଶଦାତା ଆକାଶ ଦାସନାୟକ, ସଂପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଭୁବନେଶ୍ୱର ଉତର ବିଧାୟକ ସୁଶାନ୍ତ କୁମାର ରାଉତ, ଶୁଭଶ୍ରୀ ମଙ୍ଗରାଜ, ବୈଷ୍ଣବ ଚରଣ ଭୋଳ, ଦେବୀପ୍ରସାଦ ମଙ୍ଗରାଜ, ସତ୍ୟ ସୁମନ, ଅସିତ୍ ସାହୁ, କିଶୋର ଦାସ, ଭାଗ୍ୟଧର ସାମଲ, ସଂଘମିତ୍ରା ପ୍ରମୂଖ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ ।

# ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଏକ ଯୁଗର ଅବସାନ ହେଲା



ଭୁବନେଶ୍ୱର (ପିଏନ୍)- ପୂର୍ବତନ ସାଂସଦ ତଥା ସର୍ବପ୍ରଥମ ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ଶ୍ରୀମତୀ ଜୟନ୍ତୀ ପଟ୍ଟନାୟକ ଆଉ ନାହାନ୍ତି । ତାଙ୍କ ମରଶରୀର କଂଗ୍ରେସ ଭବନକୁ ଅଣାଯାଇଥିଲା । ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ରହି ତାଙ୍କ ମରଶରୀରରେ ଶ୍ରଦ୍ଧାଳି ଜ୍ଞାପନ କରିଥିଲେ । କଂଗ୍ରେସ ନେତୃବୃନ୍ଦଙ୍କ ସମେତ ସିପିଏମର ରାଜ୍ୟ ନେତୃବୃନ୍ଦ ଶ୍ରୀ ଅଲିକେଶ୍ୱର ପଟ୍ଟନାୟକ, ସୁରେଶ ପାଣିଗ୍ରାହି ମଧ୍ୟ ଉପସ୍ଥିତ ରହି ଶେଷ ସମ୍ମାନ ପ୍ରଦର୍ଶନ କରିଥିଲେ । ଏହାପରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା ଓ ଆତ୍ମାର ସଦଗତି ନିମର୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାପତି ଶରତ ପଟ୍ଟନାୟକ ଶୋକପ୍ରସ୍ତାବ ଆଗତ କରିଥିଲେ ଓ ପ୍ରାକ୍ତନ ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ ଏହି ଶୋକପ୍ରସ୍ତାବକୁ ସମର୍ଥନ କରି ଜୟନ୍ତୀ ପଟ୍ଟନାୟକ ଓଡ଼ିଶାର ଜଣେ ପ୍ରତିଷ୍ଠିତ ସ୍ୱାଧୀନତା ସଂଗ୍ରାମୀ ପରିବାରରୁ ଆସି ଏକ ରାଜନୈତିକ ପ୍ରକ୍ରିୟାରେ ମୁଖ୍ୟମନ୍ତ୍ରୀ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଜୀବନ ଯାତ୍ରାରେ ସହଯୋଗ ଦେବା ବିଷୟରେ ବର୍ଣ୍ଣନା କରିଥିଲେ । ଜଣେ ସୁଲେଖିକା ଏବଂ ସାମ୍ବାଦିକ ଭାବରେ ତାଙ୍କର ଖ୍ୟାତି ସଂପର୍କରେ ସୂଚନା ଦେଇଥିଲେ । ସେ ସର୍ବଭାରତୀୟ ସ୍ତରରେ ନାରୀ ଜାଗରଣ, ନାରୀ ଅଧିକାରର ଜଣେ ବଳିଷ୍ଠ ପ୍ରହରି ଭାବେ କାର୍ଯ୍ୟକରିଥିବା ବର୍ଣ୍ଣନା କରିଥିଲେ । ତାଙ୍କର ଜୀବନକାଳ କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷରେ ନାରୀ ସଶକ୍ତିକରଣର ଏକ ରୁଦ୍ଧିମନ୍ତ ଅଧ୍ୟାୟ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ନିରଂଜନ ପଟ୍ଟନାୟକ, ପଂଚାନନ କାନୁନଗୋ, ଅନନ୍ତ ପ୍ରସାଦ ସେଠୀ, ଜଗନ୍ନାଥ ପଟ୍ଟନାୟକ, ଗଣେଶ୍ୱର ବେହେରା, ବିଜୟଲକ୍ଷ୍ମୀ ସାହୁ, ଯୁଧିଷ୍ଠିର ଜେନା, ଶରତ ରାଉତ, ଚିନ୍ତାମଣି ଦ୍ୟାନ ସାମନ୍ତରାୟ, ଶିବାନନ୍ଦ ରାୟ, ସମୀର କୁମାର ରାଉତରାୟ, ଲଲାଟେନ୍ଦୁ ମହାପାତ୍ର, ସୁରେଶ କୁମାର ମହାପାତ୍ର, ଦେବାଶିଷ ପଟ୍ଟନାୟକ କିଶୋର ଜେନା, ବିଭୁତି ମିଶ୍ର, ସ୍ମୃତିରଂଜନ ଲେଙ୍କା, ବନ୍ଦିତା ପରିଡ଼ା, ନକୁଳ ନାୟକ, ଅମୀୟ କୁମାର ପଟ୍ଟନାୟକ, ମନୋରଞ୍ଜନ ଦାଶ, ଜୟନ୍ତ ମହାନ୍ତି, ବିସ୍ମୟ ମହାପାତ୍ର, ବିଶ୍ୱଜିତ ଦାଶ, ମାନସ ଚୌଧୁରୀ, ବାଙ୍କନିଧି ବେହେରା, ଅଶୋକ ଦାସ, ସୁଶାନ୍ତ ତ୍ରିପାଠୀ, ଲିଙ୍ଗରାଜ ସାହୁ, ରଜନୀ ମହାନ୍ତି, ଜ୍ଞାନ ପଟ୍ଟନାୟକ, ରସିକ ପଟ୍ଟନାୟକ, ସମ୍ଭୁ ପାଣିଗ୍ରାହୀ, ସନ୍ଧ୍ୟା ମହାପାତ୍ର, ସ୍ୱାଧୀନବାଳା ଦାସ, ପ୍ରଣତି ମିଶ୍ର, ଶ୍ରୀୟାସ୍ମିତା ପଣ୍ଡା, ପୁଷ୍ପିତା ଦାଶ, କୁସୁମ ପ୍ରଧାନ, ସତ୍ୟବ୍ରତ ନାୟକ, ସୁବ୍ରତ ମହାପାତ୍ର, ସତ୍ୟସ୍ମିତ ମହାଁ, ଗିରିବାଳା ବେହେରା, ଅଭିଷେକ ରାଉତ, ମଧୁସ୍ମିତା ପଣ୍ଡା, ମଧୁମିତା ଆଚାର୍ଯ୍ୟ, ପ୍ରକାଶ ମିଶ୍ର, ମହମ୍ମଦ ସାହାଦୁଲ୍ଲା, ସଂକୁନା କହଁର, ଭାସ୍କର ସେଠୀ, ଦୀପକ ସାହୁ, ଜୟକୃଷ୍ଣ ସୁବୁଦ୍ଧି, ତରୁଣ ମିଶ୍ର, ଦେବେନ୍ଦ୍ର ପ୍ରସାଦ ଦାସ, ମିହିର ଆଚାର୍ଯ୍ୟ, ଗୀତାଳି ମହାଁ, ଶୈଳେନ୍ଦୁ ମଜୁମଦାର, ଦୀପକ ମହାପାତ୍ର, କୁଳମଣି ସାହୁ, ଜମ୍ବେଶ୍ୱର ମଲ୍ଲିକ, ଖଗେଶ୍ୱର ମଲ୍ଲିକ, ତୁଷାରକା’ ବେହେରା, ତାପସ ସେଠୀ, ମୀନକେତନ ବେହେରା, ନିରୋଜ ଲୋଚନ ଦାସ, ନଳିନୀକାନ୍ତ ନାୟକ, ସୁବାଷ ପ୍ରଧାନ, ପ୍ରଭାତ ପ୍ରତାପ ସିଂ, ଆତ୍ମାରାମ ପତି, ଉମେଶ ଚନ୍ଦ୍ର ଦାସ, ରାଜକିଶୋର ଦାଶ, ଗୋକୁଳାନନ୍ଦ ମହାପାତ୍ର ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

# ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସର ଶୋକ

ରାଉରକେଲା (ପିଏନ୍): କଂଗ୍ରେସର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ସାଂସଦ ସ୍ୱର୍ଗୀୟା ଜୟନ୍ତୀ ପଟ୍ଟନାୟକଙ୍କ ବିୟୋଗରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ଗତ ତା-୨୯.୯.୨୨ରିଖରେ ଜିଲ୍ଲା କଂଗ୍ରେସ ତରଫରୁ ସ୍ଥାନୀୟ କଂଗ୍ରେସ ଭବନ ଠାରେ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା । ଏହି ଶୋକସଭାରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର ପ୍ରମୁଖ ବକ୍ତବ୍ୟ ରଖି ସ୍ୱର୍ଗୀୟା ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋଚନା କରି ଶ୍ରଦ୍ଧାଳି ଅର୍ପଣ କରିଥିଲେ । ସ୍ୱର୍ଗୀୟ ପଟ୍ଟନାୟକ ଗାମ ଜିଲ୍ଲାର ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଜନ୍ମ ଗ୍ରହଣ କରି ପରବର୍ତ୍ତୀ କାଳରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗୀୟ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ସହଧର୍ମିଣୀ ହେଲା ପରେ ରାଜ୍ୟ କଂଗ୍ରେସ ରାଜନୀତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ବାରମ୍ବାର ସାଂସଦ ଭାବେ ନିର୍ବାଚିତ ହେବା ସହିତ ଜାତୀୟ ମହିଳା କମିଶନର ସେ ପ୍ରଥମ ଅଧ୍ୟକ୍ଷା ଭାବେ ନିଯୁକ୍ତି ପାଇ ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ଜାତୀୟ ମହିଳା କଂଗ୍ରେସର ମଧ୍ୟ ସଭାନେତ୍ରୀ ଦାୟିତ୍ୱ ବେଶ୍ ସଫଳତାର ସହ ନିର୍ବାହ କରିଥିଲେ । ରାଜନୀତି ବ୍ୟତୀତ ସାହିତ୍ୟ, ସମାଜସେବାରେ ମଧ୍ୟ ସ୍ୱର୍ଗୀୟା ପଟ୍ଟନାୟକଙ୍କର ବିଶେଷ ଦଖଲ ଥିଲା ବୋଲି ବକ୍ତାମାନେ ପ୍ରକାଶ କରି ତାଙ୍କ ବିୟୋଗ କଂଗ୍ରେସ ଦଳ ସମେତ ସମଗ୍ର ଓଡିଶା ପାଇଁ ଏକ ବିଶେଷ କ୍ଷତି ବୋଲି କହିଥିଲେ । ସ୍ୱର୍ଗୀୟା ପଟ୍ଟନାୟକ ତାଙ୍କ ରାଜନୈତିକ ଜୀବନ କାଳରେ ଯୁବ ଓ ଛାତ୍ରମାନଙ୍କୁ ଯେଉଁଭଳି ସ୍ନେହ ଆଦର ଦେଇ ଆଗକୁ ବଢ଼ିବାର ସାହସ ଯୋଗାଉଥିଲେ ତାହା ବହୁ କମ୍ ରାଜନେତାଙ୍କ ନିକଟରେ ଦେଖିବାକୁ ମିଳେ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ । ତେଣୁ ତାଙ୍କର ନୀତି ଓ ଆଦର୍ଶ ରାଜ୍ୟକୁ ଆଗେଇ ନେବା ସହିତ ମହିଳାଙ୍କୁ ସଶକ୍ତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ସେଥିରେ ଅନୁପ୍ରାଣୀତ ହୋଇ ଆମେ ସମସ୍ତେ କାର୍ଯ୍ୟ କଲେ ତାହା ତାଙ୍କ ପ୍ରତି ସବୁଠାରୁ ବଡ ଶ୍ରଦ୍ଧାଳି ହେବ ବୋଲି ବକ୍ତାମାନେ କହିଥିଲେ । ଏହି ଅବସରରେ ଉପସ୍ଥିତ ନେତୃବୃନ୍ଦ ସ୍ୱର୍ଗୀୟା ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମର୍ତେ ୧ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦିକା ତୁଳସୀ ନାଗ, ରାଜ୍ୟ ମହିଳା ସମ୍ପାଦିକା ଲତା ନାୟକ, ବ୍ଲକ୍ ସଭାପତି ବିଜୟ ଆପଟ, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ଦିଲ୍ଲୀପ ଜେନା, ସେବାଦଳର ବୁଲୁ ଦାସ ପ୍ରମୁଖ ମଧ୍ୟ ଉପସ୍ଥିତ ରହି ସ୍ୱର୍ଗୀୟା ପଟ୍ଟନାୟକଙ୍କୁ ଶ୍ରଦ୍ଧାଳି ଅର୍ପଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଉପାସ୍ୟଙ୍କ ପୂଣ୍ୟବ୍ରତ ବନାମ ଶାନ୍ତିର ପୁରୋହିତ

**ବିପିନବିହାରୀ ମହାନ୍ତି**

**ଗାନ୍ଧିଜୀ: ଉପାସ୍ୟଙ୍କ ପୂଣ୍ୟବ୍ରତ-**

ଗାନ୍ଧିଜୀ, ଜାତିର ପିତା, ସବୁରି ତୁଣ୍ଡରେ ‘ବାପୁ’ ଯାହାଙ୍କର ଭାରତର ସ୍ୱାଧୀନତା ସଂଗ୍ରାମକୁ ନେତୃତ୍ୱ ଦେବାରେ ତଥା ବିନା ରକ୍ତପାତରେ ସ୍ୱାଧୀନତା ଆଣିବାରେ ପଟାନ୍ତର ନାହିଁ, ଯିଏ ନିଜ ପାଇଁ ରଚି ଯାଇଛନ୍ତି ଇତିହାସ ଏବଂ ନିଜେ ଜଣେ ଦେଶ ଓ ବିଶ୍ୱ ପାଇଁ କିମ୍ବଦନ୍ତୀ ପୁରୁଷ, ସିଏ ୨ ଅକ୍ଟୋବର ୧୮୬୯ ମସିହାରେ ଗୁଜୁରାଟର ପୋର ବନ୍ଦର ଠାରେ ଜନ୍ମ ହୋଇଥିଲେ । ତାଙ୍କର ତେବେ ସଂକ୍ଷେପରେ ଏତିକିରେ କୁହାଯାଇପାରେ ସେ ଜଣେ ସଂପୂର୍ଣ୍ଣ ପବିତ୍ର ବ୍ୟକ୍ତିତ୍ୱ ଯାହାର ଜୀବନ ଭବିଷ୍ୟତ ବିଶ୍ୱ ପାଇଁ ଏକ ବାର୍ତ୍ତା, ଯାହାର ଚିନ୍ତାଧାରା ଆମ ପାଇଁ ମହାନଶିକ୍ଷା, ଯାହାର ଆଦର୍ଶ ଅପ୍ରତିଦ୍ୱନ୍ଦୀ ଓ ଅଦ୍ୱିତୀୟ ନାୟକତ୍ୱର ଉର୍ଦ୍ଧ୍ୱରେ, ଯାହାର କାର୍ଯ୍ୟାବଳୀ ସର୍ବଦା ଅବିସ୍ମରଣୀୟ, ଯାହାର ସାହସିକତା ଓ ଦେଶପ୍ରେମ ସର୍ବୋପରି ସର୍ବୋପମ । ପୃଥିବୀରେ ଶୃଙ୍ଖଳ, ଦୁର୍ବଳ, ଚିର ଏଣୁ ତାଙ୍କ ମା’ଲାଲବାହାଦୁରଙ୍କୁ ଧରି ନିଜ ପିତାଘରକୁ ଚାଲିଗଲେ । ସେଠାରେ ତାଙ୍କର ପ୍ରାଥମିକ ଓ ମାଧମିକ ଶିକ୍ଷାପରେ, ସେ ବାରଣାସୀ ଯାଇ କାଶୀ ବିଦ୍ୟାପୀଠରେ ପଢି ଶାସ୍ତ୍ରୀ ଉପାଧି ପାଇଥିଲେ । ଏହା ଏକ ଉଚ୍ଚ ଶିକ୍ଷାଗତ ଉପାଧି ଥିଲେ ହେଁ, ତାଙ୍କର ଜ୍ଞାନ ଓ ବୁଦ୍ଧିର ବିଚକ୍ଷଣତା କାରଣରୁ ଏହି ଉପାଧି ନାମରେ ସେ ସବୁଦିନ ପାଇଁ ପରିଚିତ ହୋଇଗଲେ । ଶାସ୍ତ୍ରୀଜୀ ଅର୍ଥ ଜ୍ଞାନୀ । ହସ୍ତରେ ନ୍ୟସ୍ତ ଥିବାରୁ ସେମାନେ ପ୍ରଥମେ ବନ୍ଦନୀୟ । ଏହାବ୍ୟତୀତ ଅନ୍ୟାନ୍ୟ ଉନ୍ନତିମୂଳକ କାମରେ ତାଙ୍କର ଭୂମିକା ସ୍ୱୀକାର୍ଯ୍ୟ ।

ଶାସ୍ତ୍ରୀଜୀଙ୍କର ମୃତ୍ୟୁର କାରଣ ଏବେ ବି ଅନ୍ଧକାରାଚ୍ଛନ୍ନରେ ଅଛି । ଭାରତ ଓ ପାକିସ୍ଥାନ ମଧ୍ୟରେ ଦୀର୍ଘକାଳୀନ ଯୁଦ୍ଧର ଅବସାନ ତଥା ଶାନ୍ତି ପ୍ରତିଷ୍ଠା ପାଇଁ ସୋଭିଏତ ଦେଶର ପ୍ରଧାନମନ୍ତ୍ରୀ ଆଲେକ୍‌ସି କୋସିଜୀନଙ୍କ ମଧ୍ୟସ୍ଥତାରେ ଏକ ମୀମାଂସାଜନିତ ସୂତ୍ରପାତ ହେଲା ସୋଭିଏତର ତାସଖେଣ୍ଡରେ ।



ପିତାଙ୍କ ନାମ କରମଚାନ୍ଦ ଗାନ୍ଧୀ ଏବଂ ମାତାଙ୍କ ନାମ ପୁତୁଲୀ ବାଇ ଏବଂ ତାଙ୍କ ନିଜର ପୂରାନାମ ମୋହନ ଦାସ କରମଚାନ୍ଦ ଗାନ୍ଧୀ; କିନ୍ତୁ ତାଙ୍କର ବିଶ୍ୱବ୍ୟାପି କାର୍ଯ୍ୟ କୁଶଳତା ତଥା ବ୍ୟକ୍ତିତ୍ୱ ପାଇଁ ସାର୍ବଜନୀନ ଏବଂ ସାଧାରଣ ଭାବରେ “ମହାତ୍ମାଗାନ୍ଧି” ଭାବେ ବିଶ୍ୱରେ ସମ୍ବୋଦ୍ଧିତ ଓ ପରିଚିତ ହୋଇଛନ୍ତି ।

‘ଗାନ୍ଧିଜୀଙ୍କର ଅହିଂସା’ ଏବଂ ‘ସତ୍ୟ’ର ଦର୍ଶନତତ୍ତ୍ୱ ଉପରେ ଗଭୀର ବିଶ୍ୱାସ ଥିଲା । ସେହି ଦୁଇଟିକୁ ଆଧାର କରି ଯେଉଁ ଆନ୍ଦୋଳନ ସେ ଭାରତର ସ୍ୱାଧୀନତା କ୍ଷେତ୍ରରେ ଚଳାଇଥିଲେ, ତାକୁ ସତ୍ୟାଗ୍ରହ କୁହାଯାଏ । ତାଙ୍କ ବିଶ୍ୱାସରେ ସତ୍ୟ ଏବଂ ଅହିଂସା ଏକମାତ୍ର ବିଶ୍ୱଶାନ୍ତିର ଆଧାର । ସତ୍ୟ ଓ ଅହିଂସା ତାଙ୍କ ମତରେ କହିବା ସହଜ ହୋଇପାରେ; କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଏହାକୁ ପ୍ରୟୋଗ କରିବା ବହୁତ କଠିନ । ଏଥିପାଇଁ ଅସୀମ ଧୈର୍ଯ୍ୟ ଦରକାର ଏବଂ ଶେଷରେ ସତ୍ୟ ଓ ଅହିଂସାର ହିଁ ଜୟ ହୋଇଥାଏ । ଏହା ସମସ୍ତ ଶକ୍ତିଶାଳୀ ଅସ୍ତ୍ରମାନଙ୍କ ମଧ୍ୟରେ ମହାଶକ୍ତିଶାଳୀ । ବିଶ୍ୱର ମଙ୍ଗଳାର୍ଥେ ଏହା ହିଁ ଏକ ନୂତନ ଆବିଷ୍କାରର ପବିତ୍ର ଶାନ୍ତିର ଅସ୍ତ୍ର । ଏଣୁ ଯିଶୁଙ୍କ ପରି ଶାନ୍ତିର ବାର୍ତ୍ତା ଧରି ସେ ପଦାର୍ପଣ କରିଥିଲେ ଏହି ଭାରତ ଭୂଖଣ୍ଡରେ ଏବଂ ବିଶ୍ୱଶାନ୍ତି ପାଇଁ ଯୀଶୁ କ୍ରୁଶବିଦ୍ଧ ହୋଇ ପ୍ରାଣବଳି ଦେଲାପରି ସେ ମଧ୍ୟ ଆତତାୟୀର ଗୁଳିଚୋଟରେ ଚିରଶାନ୍ତି ଲଭିଲେ । ଏକଦା ସେ କହିଥିଲେ: ଏମିତି ଜଣେ ପବିତ୍ର ବ୍ୟକ୍ତିତ୍ୱ କେହି ନାହିଁ ଯିଏ ନିଜ ଜୀବନର ମୂଲ୍ୟବାନ ସଂପଦ-ଜୀବନକୁ ଦେବାରେ କୁଣ୍ଠାବୋଧ କରେନାହିଁ । ମୋର ବିଶ୍ୱାସ ଏବଂ ପ୍ରାର୍ଥନା ଯେ ମୋ ପାଖରେ ସେ ପବିତ୍ରତାକୁ ପ୍ରମାଣ କରିବାରେ ଅବସାଦ ବି ନାହିଁ । (No man if he is pure has anything and precious to give than his life. I hope and pray that I have the purity in me to justify the step). ସେ ଏକଥା ମଧ୍ୟ ଜୀବନରେ ପ୍ରମାଣ କରାଇଦେଲେ ।

ମହତ୍ମା ଗାନ୍ଧିଜୀଙ୍କର ବ୍ୟକ୍ତିତ୍ୱ ସଂପର୍କରେ ଆଲୋକପାତ କରିବା ଏକ ବଡ କଠିନ ବ୍ୟାପାର । ଏଇଟା ଯେମିତି ଗୋଟାଏ ପୃଥିବୀକୁ ହାତ ପାପୁଲିରେ ଧରିବା ସଦୃଶ ହେବ । ଦଳିତ ଏବଂ ଅବହେଳିତ ବ୍ୟକ୍ତିଙ୍କର ମୁକ୍ତି ଓ ଶାନ୍ତି ପାଇଁ, ସେ ନିଜେ ଜୀବନରେ କାର୍ଯ୍ୟତଃ ପ୍ରମାଣିତ କରି ଯାଇଛନ୍ତି । ସେ ଜଣେ ମୁକ୍ତିମଶାଲଧାରୀ ଶାନ୍ତିର ପୁରୋହିତ ।

ଏହି ମହାନ୍ ବ୍ୟକ୍ତିତ୍ୱଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ୨ ଅକ୍ଟୋବରକୁ ଭାରତରେ ଛୁଟିଦିବସ ରୂପେ ପାଳିତହୁଏ । ଏହି ଦିନ ନାନା ଭାଷଣ, ପ୍ରତିଯୋଗିତା, ଦୂରଦର୍ଶନ, ଆକାଶବାଣୀ ତଥା କଳାକାର ଏବଂ ବାଲୁକାଶିଳ୍ପୀମାନଙ୍କ ଦ୍ୱାରା ସେମାନଙ୍କର ସୌନ୍ଦର୍ଯ୍ୟବୋଧ ସୃଷ୍ଟିମାନଙ୍କ ମାଧ୍ୟମରେ ଗାନ୍ଧି ବାର୍ତ୍ତା ଓ କାର୍ଯ୍ୟ ପ୍ରତିଫଳନ କରାଯାଏ ।

ଗାନ୍ଧି ଜୟନ୍ତୀ ୨ ଅକ୍ଟୋବରକୁ ଆନ୍ତର୍ଜାତିକ ସ୍ତରରେ “ଅହିଂସା” (Non-Violence) ଦିବସ ରୂପେ ପାଳିତ ହୁଏ । ଗାନ୍ଧିଙ୍କ ପ୍ରତି ବିଶ୍ୱବାସୀଙ୍କର ଏହା ହିଁ ଭକ୍ତି ଓ ଶ୍ରଦ୍ଧାର ଉପହାର ।

**ଆମ ଶାସ୍ତ୍ରୀଜୀ: ଶାନ୍ତିର କପୋତ-**

୨ ଅକ୍ଟୋବରକୁ ଗାନ୍ଧିଜୟନ୍ତୀ ହିସାବରେ ଉଭୟ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ପାଳନ କରାଯାଏ । କିନ୍ତୁ ଏଇ ଭାରତରେ ଆଉ ଜଣେ ମହାନ ବ୍ୟକ୍ତିତ୍ୱ ଅଛନ୍ତି ଯାହାଙ୍କ ଜନ୍ମତିଥି ମଧ୍ୟ ଏହି ଦିନ ପାଳିତ ହୁଏ । ସେ ହେଉଛନ୍ତି ଶ୍ରୀ ଲାଲବାହାଦୂର ଶାସ୍ତ୍ରୀ, ସଂକ୍ଷେପରେ ଶାସ୍ତ୍ରୀଜୀ ଯିଏକି ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଥିଲେ । ସେ ଜଣେ ମଧ୍ୟ ସ୍ୱାଧୀନତା ସଂଗ୍ରାମୀ ଯିଏ କି ଦେଶର ମୁକ୍ତି ସଂଗ୍ରାମରେ ଝାସ ଦେଇ ନିଜ ପାରିବାରିକ ଜୀବନ ପ୍ରତି ଆଖି ବୁଝି ଦେଇଥିଲେ । ସେ ଭାରତର ଉନ୍ନତିକଳ୍ପେ ବହୁ ପ୍ରକାର କାର୍ଯ୍ୟମାନ କରିଯାଇଛନ୍ତି । ସେ ଜଣେ ସଂପୂର୍ଣ୍ଣ ମାନବବାଦୀ ବ୍ୟକ୍ତିତ୍ୱ ଯିଏକି ମଣିଷକୁ କେବଳ ଗୋଟିଏ ମଣିଷ ଜାତି ହିସାବରେ ଦେଖୁଥିଲେ । ସେ ଥିଲେ ସକଳ ଜାତି-ଧର୍ମ ଏବଂ ସଂପ୍ରଦାୟର ଉର୍ଦ୍ଧ୍ୱରେ । ଏଇଥିପାଇଁ ସେ ତାଙ୍କର ସାଙ୍ଗିଆ ବା ସରନେମ ‘ଶ୍ରୀବାସ୍ତବ’କୁ କାଟିଦେଇଥିଲେ । କାରଣ ଏହା ଏକ ଜାତିର ପ୍ରତୀକ ଥିଲା ଏବଂ ସେ ଏହାକୁ ଘୃଣା କରୁଥିଲେ । ଲାଲ ବାହାଦୂରଙ୍କର ଜନ୍ମ ୨ ଅକ୍ଟୋବର ୧୯୦୪ ମସିହାରେ ହୋଇଥିଲା । ତାଙ୍କ ପିତା ଓ ମାତାଙ୍କ ନାମ ଯଥାକ୍ରମେ ଶାରଦା ପ୍ରସାଦ ଏବଂ ରାମଦୁଲାଲୀ ଦେବୀ । ତାଙ୍କ ପିତା ଜଣେ ଶିକ୍ଷକ ଥିଲେ । ଦୁଃଖ ଯେ ତାଙ୍କୁ ଦେଢବର୍ଷ ବେଳେ ତାଙ୍କର ମୃତ୍ୟୁ ଘଟିଥିଲା ।



୧୯୧୫ ମସିହାରେ ଗାନ୍ଧିଙ୍କର ଏକ ଭାଷଣ ଶୁଣିବାରେ ତାଙ୍କୁ ସୁଯୋଗ ମିଳିଲା ଯାହା ତାଙ୍କୁ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନ ନିମନ୍ତେ ଅନୁପ୍ରାଣିତ କଲା । ୧୯୨୧ ମସିହାରେ ସେ ଡେଫିୟାନସ୍ ଅଫ୍ ପ୍ରୋହିବିଟାରୀ ଅର୍ଡର ଶୋଭାଯାତ୍ରାରେ ଯୋଗଦେଇ ବନ୍ଦୀ ହେଲେ; କିନ୍ତୁ ନାବାଳକ ହେତୁ ତାଙ୍କୁ ମୁକ୍ତ କରାଗଲା । ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗଦେଇ ସେ ଅଢେଇବର୍ଷ କାଳ ଜେଲ ଯାଇଥିଲେ । ୧୯୪୦ରେ ସେ ବ୍ୟକ୍ତିଗତ ଭାବେ ସତ୍ୟାଗ୍ରହକୁ ପୂର୍ଣ୍ଣ ସମର୍ଥନ ସାବ୍ୟସ୍ତ କଲେ ଏବଂ ପୁଣି ଜେଲ ଗଲେ । ପରେ ବ୍ରିଟିଶ ଭାରତ ଭାରତ ଛାଡ ଆନ୍ଦୋଳନ ପାଇଁ ଲୋକଙ୍କୁ ପ୍ରୋତ୍ସାହନ ଯୋଗାଇ ୧୯୪୬ ଯାଏଁ ପୁନଶ୍ଚ ଜେଲ ଭୋଗ କଲେ ।

ଜବାହାର ଲାଲ ନେହରୁ ଆମର ପ୍ରଥମ ପ୍ରଧାନମନ୍ତ୍ରୀଙ୍କ ମୃତ୍ୟୁ ପରେ ସେ ଭାରତର ପ୍ରଧାନମନ୍ତ୍ରୀ ପଦ ୯ ଜୁଲାଇ ୧୯୬୪ରେ ଗ୍ରହଣ କଲେ । ତାଙ୍କର ପ୍ରଧାନମନ୍ତ୍ରୀତ୍ୱ ବେଳେ ଭାରତର ପ୍ରଗତି ଓ ଉନ୍ନତି କାମନା କରି ସେ ସବୁଜ ବିପ୍ଳବ ଏବଂ ଶ୍ୱେତ ବିପ୍ଳବର ଆହ୍ୱାନ ଦେଇଥିଲେ । କୃଷି ଓ କୃଷକଙ୍କର ଉନ୍ନତି କାରଣାର୍ଥେ ତାଙ୍କର ସ୍ଲୋଗାନ ଥିଲା “ଜୟ କିଶାନ” ଏବଂ ସୈନିକମାନଙ୍କ ପାଇଁ ଥିଲା “ଜୟ ଜୱାନ” । ତାଙ୍କ ମତରେ ଦେଶର ନିରାପତ୍ତା ସୈନିକମାନଙ୍କ ହସ୍ତରେ ଏବଂ ଦେଶର ଅର୍ଥନୈତିକ ମେରୁଦଣ୍ଡ କୃଷକମାନଙ୍କ ଶାନ୍ତିକାମୀ ଶାସ୍ତ୍ରୀଜୀ ଏଥିରେ ଆନନ୍ଦର ସହିତ ଯୋଗଦେଲେ । ପାକିସ୍ଥାନ ତରଫରୁ ଜେନେରାଲ ଆୟୁବ ଖାଁ ସେଥିରେ ଉପସ୍ଥିତ ଥିଲେ । ଅଳିଆ ତୁଟିଲା । ୧୦ ଜାନୁୟାରୀ ୧୯୬୬ ମସିହା ଦିନ ପାକିସ୍ଥାନର ଆୟୁବ ଖାଁ ଏବଂ ଆମ ଶାସ୍ତ୍ରୀଜୀ ଶାନ୍ତି ପ୍ରସ୍ତାବ ଉପରେ ଦସ୍ତଖତ କଲେ । ଏହି ସର୍ତ୍ତ ଅନୁସାରେ ଉଭୟ ଦେଶର ସୈନ୍ୟ ୨୫ ଜାନୁୟାରୀ ୧୯୬୬ ସୁଦ୍ଧା ନିଜ ନିଜର ପୂର୍ବସ୍ଥାନକୁ ଫେରିଯିବା କଥା । ଏ ସମ୍ବାଦରେ ଭାରତୀୟମାନେ ଅତି ଖୁସି ବା ଆନନ୍ଦିତ ହେଲେ । ୧୦ ଜାନୁୟାରୀ ୧୯୬୬ ରାତିକୁ ତାଙ୍କର ଛାତିରେ ଯନ୍ତ୍ରଣା ହେଲା । ୧୧ ଜାନୁୟାରୀ ସକାଳୁ ସକାଳୁ ତାଙ୍କର ଦେହାନ୍ତ ହେଲା । ଅନେକଙ୍କ ମତରେ ତାଙ୍କର ହୃଦ୍‌କ୍ରିୟାଜନିତ ମୃତ୍ୟୁ ହୋଇଛି, ଅଥଚ ଅନେକଙ୍କର ମତ ଯେ ତାଙ୍କୁ ବିଷ ପ୍ରୟୋଗ କରାଇ ମାରି ଦିଆଯାଇଛି । କାରଣ ତାଙ୍କର ମୃତଦେହଟି ସଂପୂର୍ଣ୍ଣ ନୀଳ ପାଲଟିଯାଇଥିଲା ଯାହାକି ବିଷ ପ୍ରୟୋଗର ଲକ୍ଷଣ । ଏପର୍ଯ୍ୟନ୍ତ ତାଙ୍କ ମୃତ୍ୟୁର କାରଣ ଏକ ରହସ୍ୟାବୃତ୍ତ ହୋଇ ରହିଯାଇଛି ।

ଶାସ୍ତ୍ରୀଜୀ ତାଙ୍କ ମୃତ୍ୟୁ ପୂର୍ବରୁ ଯେତିକି ପ୍ରସାରିତ ଓ ପ୍ରଚାରିତ ହୋଇନଥିଲେ, ତାଙ୍କ ମୃତ୍ୟୁ ସେ କ’ଣ ବୋଲି ପ୍ରମାଣିତ କରିଦେଲା । ଭାରତର ଶୋକାକୁଳ ଜନତା ତାଙ୍କୁ ଦିଲ୍ଲୀର ଯେଉଁଠାରେ ଦାହ କଲେ, ତାହାର ନାମ ରଖିଲେ ବିଜୟ ଘାଟ । ଦେଶ ପାଇଁ ତାଙ୍କ ମୃତ୍ୟୁ ତାଙ୍କୁ ବିଜୟର ଟୀକା ପିନ୍ଧାଇ ଦେଇଛି, ଖାସ୍ ଏଇ ତାସଖେଣ୍ଟ ଚୁକ୍ତିରେ ।

ନିଜ ସଂପର୍କରେ ସେ କହିଯାଇଛନ୍ତି: ମୁଁ ଶାସକ ନୁହେଁ, ମାତ୍ର ଜଣେ ସେବକ; ମୁଁ ଜଣେ ସାଧାରଣମାନଙ୍କ ମଧ୍ୟରେ ସାଧାରଣ ।

ସତରେ ଶେଷଯାଏଁ-ସେ ହିଁ ସାଧାରଣ ଥିଲେ । ତାଙ୍କ କର୍ମ, ସେବା ତଥା ମହତପଣିଆ ପାଇଁ ସେ ସଦାକାଳେ ଆମ ପାଖେ ଥିବେ ।

ଆଜିର ଜୟନ୍ତୀ ଅବସରରେ ଆସନ୍ତୁ, ଏହି ଦୁଇ ଭାରତୀୟ ମହାନ ବ୍ୟକ୍ତିଙ୍କ ପ୍ରତି ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା । ଏହା ହିଁ ସେମାନଙ୍କ ପ୍ରତି ଆମ୍ଭମାନଙ୍କର ଶ୍ରେଷ୍ଠ ସମ୍ମାନ ହେଉ !

*-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, କଟଣୀ, ଶୃନ୍ୟଭାଷ: ୯୯୩୮୩୪୪୧୩୮*

# ଦୁର୍ନୀତି ବିରୁଦ୍ଧ ଲଢେଇ ପାଇଁ ସର୍ବେଶ୍ୱର ବେହୁରାଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା (ପିଏନ୍): ପରିବେଶ ସୁରକ୍ଷା ଓ ଦୁର୍ନିତି ବିରୁଦ୍ଧରେ ସଂଗ୍ରାମ ପାଇଁ ଜାତୀୟସ୍ତରୀୟ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରାଙ୍କୁ ବିଭିନ୍ନ ସଙ୍ଗଠନ ଓ ବିଜେପି କର୍ମୀମାନଙ୍କ ପକ୍ଷରୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି । ଧର୍ମଶାଳା ବ୍ଲକ ଜାରକାସ୍ଥିତ ପ୍ରୟାଗ ମଣ୍ଡପ ଠାରେ ଆୟୋଜିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଚନ୍ଦ୍ରମଣି ପଣ୍ଡିତ ସଭାପତିତ୍ୱ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ବିରିଷ୍ଠ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର ସାହୁ, ଶ୍ରମିକ ନେତା ନୃସିଂହ ମିଶ୍ର ଯୋଗଦେଇ ଶ୍ରୀ ବେହୁରା ଏକ ଦଶନ୍ଧିରୁ ଉର୍ଦ୍ଧ ସମୟ ହେଲା ଧର୍ମଶାଳା ତହସିଲ ଅଧିନରେ ଥିବା ବିଭିନ୍ନ ଖାଦାନ ଗୁଡ଼ିକରେ ହେଉଥିବା ବେଆଇନ ଉତୋଳନକୁ ପ୍ରଶାସନ ଉପରେ ଚାପ ପକାଇ ଚୋରା ଚାଲାଣ ଉପରେ ରୋକ ଲାଗାଇବା, ସରକାରଙ୍କ ବିଭିନ୍ନ ଯୋଜନାରେ ଦୁର୍ନିତି ହୋଇଥିବା ନେଇ ଓ ଏଥିରେ ସଂପୃକ୍ତି ଥିବା ଅଧିକାରୀ ମାନଙ୍କୁ କାଠଗଡ଼ାରେ ଛିଡ଼ାକରିବା ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ଗତ ବର୍ଷ ମାର୍ଚ୍ଚମାସ ୨୭ ତାରିଖରେ ତାଙ୍କ ଉପରକୁ ବୋମା ମାଡ଼ ହୋଇଥିଲା ଏଥିରେ ସେ ତିଳେମାତ୍ର ବ୍ୟତିବ୍ୟସ୍ତ ନହୋଇ ପୂର୍ବ ଭଳି ସେ ତାଙ୍କର ଦୁର୍ନିତି ବିରୁଦ୍ଧରେ ଲଢେଇ ଜାରି ରଖିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସୂଚନା ଯୋଗ୍ୟ ଯେ ଶ୍ରୀ ବେହୁରା ଭୁବନେଶ୍ୱର ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ତଥା କ୍ୟାପିଟାଲ୍ ଫାଉଣ୍ଡେସନ ସଦସ୍ୟ ଜଷ୍ଟିସ ମଦନ ବି. ଲୋକୁର, ଜଣାଶୁଣା ସାମାଜିକକର୍ମୀ ଅରୁଣା ରାୟ,ଅଳି ଭରଦ୍ୱାଜ,ନିଖିଲ୍ ଦେ ଓ ସୂଚନା ଅଧିକାର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ପ୍ରମୁଖ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମହିଳାନେତ୍ରୀ ସାବିତ୍ରୀ ସାହୁ,ଜିଲ୍ଲା ପରିଷଦ ପ୍ରାର୍ଥୀ ଶରତ ଓଝା, ସରପଂଚ ବିପିନ ଓଝା, ଅଶୋକ ରାଉତ, ଅକ୍ଷୟ ପଣ୍ଡା ପ୍ରମୁଖ ଯୋଗଦେଇଥିବା ବେଳେ ସୁଶାନ୍ତ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ରାଜେଶ ଗୋଛାୟତ, ପ୍ରଭାତ ବରାଳ, ବୁଲୁ ଦାସ, ସୁଶାନ୍ତ କବି, ଦେବାଶିଷ କର, ପାର୍ବତି ବେହେରା ବଳରାମ ଦାସ, ସୁମିତ୍ରା ଦାସ ଓ ଅଂଜଳି ଘଡେଇ ପ୍ରମୁଖ କାର୍ଯ୍ୟକର୍ତା ସହଯୋଗ କରିଥିଲେ । ଶେଷରେ ଇଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାଁ ନାମ ବଦଳାଇବାକୁ ପ୍ରାକ୍ତନ ବିଧାୟକଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଧର୍ମଶାଳା (ପିଏନ୍): ୪୫ ଗୋଟି ପଂଚାୟତକୁ ନେଇ ଧର୍ମଶାଳା ପଂଚାୟତ ସମିତି ଗଠିତ ହୋଇଛି । ଏହି ନିର୍ବାଚନମଣ୍ଡଳୀର ନାମ ଧର୍ମଶାଳା ହୋଇଥିବା ବେଳେ ବ୍ଲକ, ତହସିଲ, ଥାନା, ସବରେଜିଷ୍ଟ୍ରାର ଅଫିସ, ଡାକ୍ତରଖାନା, ପୋଷ୍ଟ ଅଫିସ, ଧର୍ମଶାଳା ବାଣୀପୀଠ ଓ ସର୍ବପୁରାତନ ହାଟର ନାମ ଧର୍ମଶାଳା ରହିଛି । ପୁରାତନ ଜଗନ୍ନାଥ ସଡକ ପାର୍ଶ୍ୱରେ ଯାତ୍ରୀ ରହଣି ପାଇଁ ରାଣୀ ଅହଲ୍ୟାବାଈ ଏକ ଧର୍ମଶାଳା ନିର୍ମାଣ କରିଥିଲେ । ଏଠାରେ ଥିବା ଧର୍ମଶାଳା ଥାନା, ଡାକ୍ତରଖାନା ଓ ରାଣୀ ଅହଲ୍ୟାବାଈ ଧର୍ମଶାଳା ଚୋରମୁହାଁ ପଂଚାୟତ ଅଧିନରେ ରହିଛି । ସମୟକ୍ରମେ ନାମର ଅପଭ୍ରଂଶ ହୋଇ ପଂଚୟତ ଓ ଗ୍ରାମର ନାମ ଚୋରମୁହାଁ ହୋଇଛି । ଯାହାକି ପଂଚାୟତବାସୀଙ୍କ ପାଇଁ ଅସୁବିଧା ସୃଷ୍ଟି କରୁଛି । ତେବେ ଏବେ ଚାରିଆଡେ ବିଭିନ୍ନ ସ୍ଥାନର ନାମ ପରିବର୍ତନ କରାଯାଇ ନୂତନ ନାମରେ ନାମିତ ହେଉଛି । ସେହିଭଳି ଭାବେ ଚୋରମୁହାଁର ନାମ ବଦଳାଯାଇ ଧର୍ମଶାଳା କରିବାକୁ ପ୍ରାକ୍ତନ ବିଧାୟକ ତଥା ଧର୍ମଶାଳା ଖୋଜ ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁଚରଣ ଟିକାୟତ ଦାବି କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୁତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମଇ ୨୩

# ତିନିସାଙ୍ଗ


ଅନୀତା ପଟ୍ଟନାୟକ

ତିନିଜଣ ବନ୍ଧୁଥିଲେ। ସେମାନେ ହେଲେ ସତ୍ତ୍ୱ ମିଶ୍ର, ରଜ ଷଡ଼ଙ୍ଗୀ ଓ ତମ କର। ତିନିଜଣ ମିଶି ବ୍ୟବସାୟ କରିବା ପାଇଁ ମନ ବଳାଇଲେ। ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ତିନିଜଣ ନିଜର ଆଶା ଆକାଂକ୍ଷା ବ୍ୟକ୍ତକଲେ। ତମକର କହିଲା ମତେ ଟଙ୍କ ପଖାଳ, ଶୁଖୁଆ ପୋଡ଼ା ଭାରି ଭଲ ଲାଗେ। ତୁମେ ତ ଜାଣିଚ ମୁଁ ବାସୀ ଖାଦ୍ୟ ଖାଇବାରେ ଧୁରନ୍ଧର। ଭଲ ଭଲ ହୋଟେଲରୁ ବଳି ଯାଇଥିବା ବାସୀଖାଦ୍ୟ ଶସ୍ତାରେ କିଣିଆଣି ଖାଏ। ମୋର କେତେକଙ୍କର ସମ୍ପତ୍ତି ଉପରେ ଲୋଲୁପଦୃଷ୍ଟି ଅଛି। ତାକୁ ପଇସା ବଳରେ ହଡ଼ପ କରି କେତେକଙ୍କୁ ମୋ ଜୀବନରୁ ସଫା କରିଦେବା ପାଇଁ ଟଙ୍କାର ଆବଶ୍ୟକତା ଅଛି। ମୁଁ ଅଳସୁଆ ହେବି। ଟଙ୍କା ପାଇଲେ ବ୍ୟଭିଚାରୀ ହେବି।

ରଜ ଷଡ଼ଙ୍ଗୀ କହିଲା ତୁ ମୋର ବନ୍ଧୁ ସିନା ମୁଁ ଏତେ ନୀଚ କାମ କାରିପାରିବି ନାହିଁ। ମୁଁ ଟଙ୍କା ପାଇଲେ ରାଜା ପରି ଚଳିବି। ହୋଟେଲର ଭଲ ଭଲ ଖାଦ୍ୟ, ବଡ଼ ବଡ଼ ହୋଟେଲ, ସୁନ୍ଦର ସୁନ୍ଦର ଜାଗା ଯାହା ସବୁ ମତେ ଆକର୍ଷଣ କରେ ତାକୁ ପାଇବାକୁ ଚେଷ୍ଟା କରିବି। ତମେମାନେ ଜାଣିଚ ମତେ ମାଂସ, ମାଛ, ଭଲ ଭଲ ଖାଦ୍ୟ ଓ ହୋଟେଲରେ ଖାଇବାକୁ ଇଛା ହୁଏ। ମୁଁ ସବୁଠାରୁ ଦାମୀ ପୋଷାକ ପିନ୍ଧି ରାଜପୁତ୍ର ପରି ଦେଖାଯିବି। ଧନୀ ଓ ପ୍ରତିପତ୍ତି ଥିବା ଲୋକମାନଙ୍କ ସହ ବନ୍ଧୁତା କରିବି ଓ ନିଜକୁ ଅପ୍ରତିଦ୍ୱନ୍ଦ୍ୱୀ ବୋଲି ପ୍ରତିପାଦିତ କରିବି। ସତ୍ତ୍ୱମିଶ୍ର କହିଲା ବ୍ରାହ୍ମଣ କୂଳରେ ମୋର ଜନ୍ମ। ଆମେ ମିଶ୍ର ବ୍ରାହ୍ମଣ। ପୂଜା ପାଠରେ ଆମର ଖ୍ୟାତି ଅଛି। ମତେ ପୂଜାପାଠ କରିବାକୁ ଭଲ ଲାଗୁଛି। ଏବେ ଆଧାତ୍ମିକତା ଏକ ସୁନ୍ଦର ବ୍ୟବସାୟରେ ପରିଣତ ହୋଇପାରିଛି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କର ଭିଡ଼ରେ ଭଲ ପଇସା ଅର୍ଜନ ହୁଏ। ଶ୍ରଦ୍ଧାଳୁଙ୍କର ଭକ୍ତି ଥାଉ ନଥାଉ ହୋଟେଲ ବ୍ୟବସାୟ ଭଲ ଚାଲେ। ଭୋଗର ମାନ ଦେଖୁଛି କିଏ ? ଆଖି ପିଛୁଳାକେ ଭୋଗ ବିକ୍ରି ହୋଇଯାଏ ବୋହୂ ଯେପରି ଓଢ଼ଣା ଦେଇ ଶାଶୁ ଓ ପଡ଼ୋଶୀଙ୍କ ବିରୁଦ୍ଧରେ କହିଥାଏ ସେହିପରି ଧର୍ମ ନାମରେ ଆଜିକାଲି ଭଲ ବ୍ୟବସାୟ ହୋଇପାରୁଛି। ଧର୍ମ ନାମରେ ଆଜିକାଲି ଭଲ ବ୍ୟବସାୟ ହୋଇପାରୁଛି। ଧର୍ମନାମରେ ଲୋକେ ଅଧର୍ମରେ ରହି ଭଗବାନଙ୍କୁ ଲାଞ୍ଚ ସ୍ୱରୂପ ହୁଣ୍ଡିରେ ଟଙ୍କା ପକାଇ ପାପ ଧୋଇବାକୁ ଚେଷ୍ଟା କରୁଛନ୍ତି। ପିଲାମାନେ ପାଠ ନପଢ଼ି ଠାକୁରଙ୍କ ପାଖରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ମାନସିକ କରୁଛନ୍ତି। ଛାତ୍ରମାନଙ୍କ ଅପେକ୍ଷା ତାଙ୍କର ପିତାମାତା ଅଧିକ ପାଠପଢ଼ାପଢ଼ି କରୁଛନ୍ତି। ଲୋକମାନେ ଏପରି ଭାବରେ ତାଙ୍କର କେଶକୁ ଦାନ କରୁଛନ୍ତି ଯେଉଁଥିପାଇଁ ଚନ୍ଦାମୁଣ୍ଡର ବ୍ୟକ୍ତିମାନଙ୍କ ପାଇଁ ଚୁଟି କାରଖାନା ତିଆରି କରାଯାଇ କୃତ୍ରିମ ଚୁଟି ପ୍ରସ୍ତୁତ କରାଯାଉଛି। ମୁଁ ମାନି ଯାଉଛି ଯେ ମୁଁ ତମକର ପରି ହୋଇପାରିବିନ ନାହିଁ କି ରଜ ଷଡ଼ଙ୍ଗୀ ପରି ହୋଇପାରିବି ନାହିଁ। ଯାହା ହେଲେ ବି ମୁଁ ଠାକୁରପୂଜା ଛାଡ଼ିବି ନାହିଁ ଏହା ଏକ ଭଲ ବ୍ୟବସାୟ।

ତିନିବନ୍ଧୁ ମିଶି ନଡ଼ିଆ ବ୍ୟବସାୟ କରିବା ପାଇଁ ସ୍ଥିର କଲେ। ତମକର କହିଲା ଭାଇ ନଡ଼ିଆ ବ୍ୟବସାୟର କତାଯାକ ମୋର। ନଡ଼ିଆକତାରେ ମୁଁ ଗୋଟିଏ ଗଦି ତିଆରି କାରଖାନା ଓ ଗୋଡ଼ ପୋଛିବା ପାଇଁ ପାପୋଛ କାରଖାନା ତିଆରି କରିବି। ରାଜ ଷଡ଼ଙ୍ଗୀ କହିଲା ନଡ଼ିଆ ତକ ମୋର। ଆଜିକାଲି ପରିବାରରେ ବାପା, ମାଆ, ପୁଅ, ବୋହୁ ସମସ୍ତେ ଧାର୍ମିକ ହେବାକୁ ଚେଷ୍ଟା କରୁଛନ୍ତି। ନଡ଼ିଆରେ ଖଣ୍ଡେ ନାଲିକନା ଗୁଡ଼ାଇ ଓ ମନ୍ଦିର ଭିତରେ ବା ପାଖରେ ଥିବା ଗଛରେ ନାଲିକନା ଗୁଡ଼ାଇ ମାନସିକ ପୂରଣ ପାଇଁ ବସରେ ବା ବନ୍ଧୁବାନ୍ଧବ ମାନଙ୍କ ହାତରେ ନଡ଼ିଆ ପଠାଉଛନ୍ତି। ତୁମେ ତ ଜାଣ ମୁଁ ଟାଣ ନଡ଼ିଆ ପରି। ବ୍ୟବସାୟରେ ଲାଭ ହେଲେ ମୁଁ ମୋର ଅଭିଳାଷ ପୂରଣ କରିପାରିବି।

ସତ୍ୱମିଶ୍ର କହିଲା ମୁଁ ମାଙ୍କର ଗୋଟିଏ ମନ୍ଦିର ତିଆରି କରିବି। ଯେପରି ଭକ୍ତମାନଙ୍କର ଭାବ, ଭୟ, ଭକ୍ତି ଥାଉ ବା ନଥାଉ ଆତ୍ମ ସମର୍ପଣ ଭାବ ଥାଉ ବା ନଥାଉ ନଡ଼ିଆ ଭୋଗ ଚଢ଼ାଉଛନ୍ତି। ମୁଁ ମନ୍ତ୍ର ପଢ଼ି ନଡ଼ିଆ ଫଟାଇ ସେ ନଡ଼ିଆରେ କୋରି କରି କୋରା ବ୍ୟବସାୟ କରି ଚଳିବି। ନଡ଼ିଆ ତାଙ୍କର ହେଲେ ସେଥିରୁ ଲଡୁ ତିଆରି କରି ଟିକେ ଚିନି ମିଶାଇ ସେହି ଭକ୍ତମାନଙ୍କୁ ବିକି ବଡ଼ଲୋକ ହେବି। ମୋର ଭକ୍ତିରେ ଚିନି ମିଶିଥିବାରୁ ମୁଁ ମନ୍ଦିରକୁ ଯାଏ ଓ ପୂଜା ପାଠ କରେ। ସେମାନେ ତିନିଜଣ ଯାକ ବ୍ୟବସାୟ ଆରମ୍ଭ କରିବା ପୂର୍ବରୁ ହାତଯୋଡ଼ି ଭଗବାନଙ୍କୁ ପ୍ରାର୍ଥନା କଲେ ଆମେ ତିନିଜଣ ଅଲଗା ଅଲଗା ରହିପାରିବୁ ନାହିଁ। ଆମକୁ ଏପରି ଏକ ସ୍ଥାନ ଦିଅ ଯେଉଁଠାରେ ଆମେ ତିନିଜଣ ଏକାଠି ରହିପାରିବୁ। ଭଗବାନ କହିଲେ ତଥାସ୍ତୁ। ତୁମେ ତିନିଜଣ ମହାନ ସାଙ୍ଗ। ମୁଁ ଆଶୀର୍ବାଦ କରୁଛି ତୁମ ତିନିଜଣଙ୍କର ବିଶେଷଗୁଣ ଏକାଠି ମଣିଷ ଭିତରେ ଥାଉ।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ,*
*ସେକ୍ଟର-୧୦, କଟକ,*
*ଦୂରଭାଷ : ୯୭୯୨୯୮୦୦୨୬*

# କବି ପ୍ରସନ୍ନ ମିଶ୍ର


ବାଦଲ ଭୂୟାଁ

ଆମ ସମୟର ପ୍ରସିଦ୍ଧ ସାହିତ୍ୟିକ ଓ ଅଧାପକ ଡ.ପ୍ରସନ୍ନ କୁମାର ମିଶ୍ର, ଭଦ୍ରକ ଜିଲ୍ଲା ଧାମନଗର ଅନ୍ତର୍ଗତ ପିତେଇପୁର ଗ୍ରାମରେ ଜନ୍ମ ହୋଇଥିଲେ। ଉଚ୍ଚଶିକ୍ଷା ପରେ ସେ ଅଧାପନାକୁ ବୃତ୍ତି ଭାବେ ଗ୍ରହଣ କରିଥିଲେ। ଅଧାପନା ଓ ସାହିତ୍ୟ ସୃଷ୍ଟି ଏକ ସଙ୍ଗେ ଚାଲିଥିଲା। ଖରାରେ ବାଙ୍ଗରା ଲୋକ, ମନିକାର ପ୍ରିୟ, ତ୍ରକଡାଲାରେ ସନାତନ, ଅଦୃଶ୍ୟ ସଙ୍ଗମ ଆଦି ତାଙ୍କର ପ୍ରସିଦ୍ଧ କବିତା ଗ୍ରନ୍ଥ। ଡ.ମିଶ୍ର ଏକାଧାରରେ କବି, ଔପନ୍ୟାସିକ, ଅନୁବାଦକ, ନାଟ୍ୟକାର, ଶିଶୁ ସାହିତ୍ୟିକ ଓ ପ୍ରାବନ୍ଧିକ। ଜନସେବକ ନାଟକ ପାଇଁ ସେ ପାଇଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର। ତେବେ ସେ ନିଜକୁ କବି ଭାବେ ପରିଚିତ କରିବାକୁ ଚାହିଁଥିଲେ। କବିତା ମୋର ଜୀବନ। କବିତା ସବୁ ବେଳେ ଅତୃପ୍ତ। ମହା ଅସନ୍ତୁଷ୍ଟ ଜୀବ। ପରିତୃପ୍ତି ଆସେନାହିଁ କେବେ, ଆସିବାର ସମ୍ଭାବନା ବି ନାହିଁ। ପ୍ରତ୍ୟେକ କବିର ଜୀବନ ଅବସୋସର ସମୁଦ୍ର।

ସାହିତ୍ୟରେ ସେ ନିଜ କଥା କହିଛନ୍ତି ପରିବେଶ ଓ ପରିବେଶରେ ଥିବା ଜନତା ଏବଂ ସେମାନଙ୍କର ଶ୍ରଦ୍ଧା ଓ ପ୍ରେମ କଥା କହିଛନ୍ତି ସମାଜ କଥା କହିଛନ୍ତି। ସମାଜର ଉର୍ଦ୍ଧ୍ୱରେ କିଛି ଥିବା ସେ ବିଶ୍ୱାସ କରୁନଥିଲେ। ତେଣୁ ସେ ସଂପର୍କରେ କିଛି କହିବାକୁ ଇଛା କରିନାହାନ୍ତି। ସାହିତ୍ୟ ସହ କଳ୍ପନା ସଂପର୍କିତ। ଏ ପ୍ରସଙ୍ଗରେ ସେ କହିଛନ୍ତି - କଳ୍ପନା ନ ମିଶିଲେ ସାହିତ୍ୟ ହୁଏନା। କିନ୍ତୁ ବ୍ୟକ୍ତିଗତ ଅନୁଭବଟାକୁ ସମଗ୍ର ଜନତା ପାଖରେ ପହଞ୍ଚାଇବାକୁ କଳ୍ପନାର ସାହାଯ୍ୟ ନେବାକୁ ହୁଏ। ଏହା ହିଁ ସାହିତ୍ୟ ସୃଷ୍ଟିର ସର୍ବକାଳୀନ ପରମ୍ପରା ପୁଣି, ବାସ୍ତବତାକୁ ସବୁ କଳ୍ପନାର ଜନ୍ମ। କଳ୍ପନାର କାମ ହେଲା, ଏକ ନୂତନ ବାସ୍ତବତା ତିଆରି କରିବା, ଯାହା ସାଧାରଣ ବାସ୍ତବତାରେ ଉନ୍ନତି ଆଣିବ। କଳ୍ପନା ନଥିଲେ ଜଣେ କବି ଅନ୍ୟାନ୍ୟ ଜୀବନକୁ ସ୍ପର୍ଶ କରିପାରିବନାହିଁ। ନିଜର ବ୍ୟକ୍ତିଗତ ପୃଥିବୀରେ ବନ୍ଦୀ ହୋଇରହିଯିବ। ୨୦୧୪ ଫେବୃଆରୀ ଆଜିର ଦିନରେ କଟକସ୍ଥିତ ମର୍କତନଗର ବାସଭବନରେ ଏହି ପ୍ରସିଦ୍ଧ କବିଙ୍କର ପରଲୋକ ହୋଇଥିଲା।

*୪ଜି, ପ୍ରତାପ ଆପାର୍ଟମେଣ୍ଟ, ୭-*
*ଏକ୍ସଟେନସନ ରୋଡ଼,*
*ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୯୨୦୪୬୫୨୦୬୫*

# ଗଙ୍ଗା ଜଳ ପ୍ରଦୂଷିତ


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ପବିତ୍ର ମକର ସଂକ୍ରାନ୍ତିଠାରୁ ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭମେଳାରେ ବର୍ତମାନ ସୁଦ୍ଧା ୬୦କୋଟିରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ ପକାଇ ସାରିଲେଣି, ଯାହାକି ଭାରତର ମୋଟ ଜନସଂଖ୍ୟାର ପାଖାପାଖି ଅର୍ଦ୍ଧେକ ଥିବା ସରକାରୀ ଭାବେ ଆକଳନ କରାଯାଇଛି। ଆସନ୍ତା ମହାଶିବ ରାତ୍ରୀରେ ଆଉ ଏକ ମହାସ୍ନାନ ପାଡୁଥିବାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୭୦କୋଟି ଟପିଯାଇପାରେ ଅନୁମାନ କରାଯାଏ। ଏବେ ଏଭଳି ଭିଡ ଲାଗି ରହିଛି ଯେ, ଶ୍ରଦ୍ଧାଳୁଙ୍କୁ ଘଂଟା ଘଂଟା ଧରି ଅପେକ୍ଷା କରିବାକୁ ପଡୁଛି। ଏତେ ସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ ପକାଇବୁ ଦ୍ୱାରା ଗଙ୍ଗା ଜଳ ପ୍ରଦୁଷିତ ହୋଇଯାଇଥିବା କେନ୍ଦ୍ରୀୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜଟି) ଏକ ରିପୋର୍ଟ ପ୍ରଦାନ କରିଛି, ଯାହାକି ଅତ୍ୟନ୍ତ ଉଦ୍‌ବେଗଜନକ। ରିପୋର୍ଟରେ କୁହାଯାଇଛି ଯେ, ଏତେ ସଂଖ୍ୟାର ଲୋକ ଗଙ୍ଗା ନଦୀରେ ତ୍ରିବେଣୀ ସଂଗମଠାରୁ ବୁଡ ପକାଉଥିବାରୁ ଦଳର ଗୁଣବତା ହ୍ରାସ ପାଇଛି। ରିପୋର୍ଟରେ ଦର୍ଶାଯାଇଛି ଯେ, ପବିତ୍ର ଗଙ୍ଗାଜଳ କେବଳ ଆଚମନ ଅଯୋଗ୍ୟ ନୁହେଁ, ସ୍ନାନ ଯୋଗ୍ୟ ମଧ ରହିନାହିଁ। ଏତେ ସଂଖ୍ୟକ ଲୋକ ସ୍ନାନ କରିବା ଦ୍ୱାରା ସାମାନ୍ୟ ସଂକ୍ରମଣ ଥିବା ବ୍ୟକ୍ତିବିଶେଷ ବ୍ୟାପକ ସଂକ୍ରମଣ ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିଛି। ଗଙ୍ଗା ଜଳରେ ଶ୍ରଦ୍ଧାଳୁ କେବଳ ସ୍ନାନ କରୁନାହାଁନ୍ତି। ପବିତ୍ର ଜଳକୁ ମଧ ପାନୀୟ ଭାବେ ଗ୍ରହଣ କରୁଛନ୍ତି। ଯାହାକି ବିଭିନ୍ନ ଭୂତାଣୁର ସଂକ୍ରମଣକୁ ଆମନ୍ତ୍ରଣ କରୁଛି ବୋଲି ସିପିସିବି ତାର ରିପୋର୍ଟରେ ଦର୍ଶାଇଛି। ରିପୋର୍ଟରେ ସିପିସିବି ଆହୁରି ଉଲ୍ଲେଖ କରିଛି ଯେ, ଜାନୁୟାରୀ ୧୪ ପବିତ୍ର ମକର ସଂକ୍ରାନ୍ତି ଦିନ କୋଟି କୋଟି ଲୋକ ସ୍ନାନ କରିବା ଦ୍ୱାରା ଜଳ ପ୍ରଦୁଷଣର ବାହାକ ଫେକାଲ କୋଲିଫର୍ମ ନାମକ ଜୀବାଣୁ, ଯାହାକି ମଣିଷ ଓ ପଶୁପକ୍ଷୀଙ୍କ ମଳରୁ ସୃଷ୍ଟି ହୋଇଥାନ୍ତି, ତାହାର ସ୍ତର ସଂଗମଠାରେ ପ୍ରାୟ ୧୧୦୦୦ ୟୁନିଟ୍ ରହିଥିଲା। ଯାହା ଅନୁମତି ଯୋଗ୍ୟ ବା ସ୍ୱାଭାବିକ ସ୍ତରର ୪ଗୁଣ ଅତିକ୍ରମ କରିଛି। କେବଳ ସଂଗମସ୍ଥଳ ନୁହେଁ, ଯମୁନା ନଦୀର ପୁରୁଣା ନୈନିବ୍ରିଜ ଘାଟରେ ଏହି ସ୍ତର ୩୩,୦୦୦ ୟୁନିଟ ଅତିକ୍ରମ କରିଛି। ଆହୁରି ମଧ ଗଲା ଜାନୁୟାରୀ ୧୩ ତାରିଖରେ ସଂଗମ ସ୍ଥଳରେ ଗଙ୍ଗା ଜଳରେ ବିଓଡି (ବାୟୋଲୋଜିକାଲ ଅକ୍ସିଜେନ ଡିମାଣ୍ଡ) ଲିଟର ପିଛା ୩୯୪ ମିଲିଗ୍ରାମ ରହିଥିଲା। ଜାନୁୟାରୀ ୧୬ରେ ଏହା ୫୦୯ ମିଲି ଗ୍ରାମକୁ ବୃଦ୍ଧି ପାଇଥିବାବେଳେ ୧୯ତାରିଖରେ ୫୦୯ ମିଲିଗ୍ରାମକୁ ବୃଦ୍ଧି ପାଇଥିଲା। ନିରାପଦ ସ୍ନାନ ପାଇଁ ଜଳରେ ବିଓଡି ପରିମାଣ ୩ ମିଲିଗ୍ରାମ ରହିବା ସ୍ୱାଭାବିକ ବା ଅନୁମତି ଯୋଗ୍ୟ ସ୍ତର ୩ ମିଲିଗ୍ରାମ ରହିବା ଉଚିତ। ଗଙ୍ଗା ଜଳରେ ବିଓଡି ପରିମାଣ କ୍ରମଶଃ ବୃଦ୍ଧି ପାଉଥିବାବେଳେ ଏହା କେବଳ ପ୍ରଦୁଷିତ ହୋଇନାହିଁ, ସ୍ନାନ କରିବାକୁ ମଧ ଯୋଗ୍ୟ ହୋଇ ରହିନାହିଁ। ଏନଜିଟିକୁ ଫେବୃୟାରୀ ୩ରେ ସିପିସିବି ଦେଇଥିବା ରିପୋର୍ଟରେ ଦର୍ଶାଇଛି ଯେ, ଜାନୁୟାରୀ ୧୪ରେ ଗଙ୍ଗା ଜଳ ସ୍ନାନ ପାଇଁ ଅନୁପଯୁକ୍ତ ଥିଲା। ଏବେ ବିଭିନ୍ନ ମହାସ୍ନାନ ତିଥିରେ ଗୋଟିଏ ଗୋଟିଏ ଦିନରେ ୩ରୁ ୫କୋଟି ଲୋକ ବୁଡ ପକାଉଥିବାରୁ ଏହା ବଡ ଧରଣର ସଂକ୍ରମଣକୁ ଅମାନ୍ତ୍ରଣ କରିବା ସମ୍ଭାବନାକୁ ଅଣଦେଖା କରାଯାଇନପାରେ। ଏହା ନିସନ୍ଦେହ ଯେ, ମହାକୁମ୍ଭ ମେଳାରେ ବର୍ତମାନ ସୁଦ୍ଧା ୬୦ କୋଟିରୁ ଅଧିକ ଲୋକ ସ୍ନାନ କରିସାରିଥିବାବେଳେ ଆଗକୁ ତଥା ମହାକୁମ୍ଭମେଳାର ଅନ୍ତିମ ଦିବସ ମହାଶିବ ରାତ୍ରି ତିଥିରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୭୦କୋଟିକୁ ଟପିବା ଆଶଙ୍କା ରହିଛି। ତେଣୁ ରୋଗ ସଂକ୍ରମଣ ଦୃଷ୍ଟିରୁ ଜଳ, ଆକାଶ ଓ ସ୍ଥଳ ପ୍ରଦୁଷଣ ନିରୀକ୍ଷଣ କରୁଥିବା ସିପିସିବିର ରିପୋର୍ଟକୁ ଉପେକ୍ଷା କରାଯିବା ଉଚିତ ନୁହେଁ। କିନ୍ତୁ ଉତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ ରିପୋର୍ଟକୁ ଅଗ୍ରାହ୍ୟ କରିଛନ୍ତି ଯାହାକି ଚିନ୍ତାଜନକ। ଏହା କିନ୍ତୁ ସତ୍ୟ ଯେ, ଗଙ୍ଗା ଜଳକୁ କୋଟି କୋଟି ହିନ୍ଦୁ ଅତି ପବିତ୍ର ଭାବରେ ଗ୍ରହଣ କରି ଆସିଛନ୍ତି। ତେଣୁ ଏହାର ଜଳକୁ ପବିତ୍ର ରଖିବା ପାଇଁ ସରକାର ଅଗ୍ରାଧିକାର ଭିତିରେ ବୈଜ୍ଞାନିକ ପଦ୍ଧତିରେ ନିର୍ମଳ ଓ ଭୂତାଣୁ ମୁକ୍ତ କରିବା ପାଇଁ ଉଦ୍ୟମ କରିବା ଆବଶ୍ୟକ। ସିପିସିବିର ରିପୋର୍ଟକୁ ଅଗ୍ରାହ୍ୟ ନକରି ଦୀର୍ଘ ମିଆଦି ସମାଧାନ ଲାଗି ପ୍ରୟାସ କରିବା ଜରୁରୀ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ଆର୍ଥିକ ଅଭିବୃଦ୍ଧିର ମାର୍ଗ କୁମ୍ଭ ମେଳା


ଉମାଶଙ୍କର ପ୍ରସାଦ

ସନାତନ ଧର୍ମରେ ବିଭିନ୍ନ, ମେଳା, ମହୋତ୍ସବ ଇତ୍ୟାଦିର ସାଂସ୍କୃତିକ ଗୁରୁତ୍ୱ ରହିଛି। ଏହି ପ୍ରତ୍ୟେକଟି ମହୋତ୍ସବ ସ୍ୱର୍ଣ୍ଣିମ ଭାରତର ପରମ୍ପରା, ଆଧାତ୍ମିକ ବିଶ୍ୱାସ ଏବଂ ସଂସ୍କୃତିକୁ ବିଶ୍ୱ ଦରବାର ରେ ପ୍ରସିଦ୍ଧି ଲାଭ କରାଇ ପାରିଛି, କେବଳ ସେତିକି ନୁହଁ ଏହା ଭାରତର ଆର୍ଥିକ ଅଭିବୃଦ୍ଧିର ମାର୍ଗ ମଧ୍ୟ ସାଜିଛି। ଏହି କୁମ୍ଭମେଳା ଭାରତର ସାଂସ୍କୃତିକ ତଥା ଧାର୍ମିକ ବିଶ୍ୱାସର ଉତ୍ସବରେ ପରିଣତ ହେବା ସହ ଅର୍ଥନୀତି ବିକାଶର ପଥ ପ୍ରସସ୍ତ କରୁଛି। ଏହି ଦୃଷ୍ଟିରୁ ବିଚାର କଲେ ଉ ର ପ୍ରଦେଶରେ "ମହାକୁମ୍ଭ" ସାଂସ୍କୃତିକ ସମାବେଶ ୨ଲକ୍ଷ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିବା ସହ ସରକାର ୨୫,୦୦୦ କୋଟି ଟଙ୍କା ଉପାର୍ଜନ କରିବେ ବୋଲି ଆକଳନ କରିଛନ୍ତି। ଏହି କୁମ୍ଭମେଳା ସ୍ଥାନୀୟ ଅର୍ଥନୀତି କ୍ଷେତ୍ରରେ ଏକ ବଳିଷ୍ଠ ଭୂମିକା ଗ୍ରହଣ କରି ଆସୁଛି। ଏହି ମେଳାକୁ ଆସୁଥିବା ପ୍ରତ୍ୟେକଟି ବ୍ୟକ୍ତି ଯିଏ ଯେଉଁ ଚରିତ୍ରର ହୁଅନ୍ତୁନା କାହିଁକି ଧାଇଁ ଆସିଥାନ୍ତି ନିଜ ନିଜର କୃତ କର୍ମର ପାପ ନାଶନ କରିବା ପାଇଁ। ଏହି ମହା କୁମ୍ଭ ମେଳାକୁ ଆସୁଥିବା ତଥାକଥିତ ଭକ୍ତ ଓ ପର୍ଯ୍ୟଟକମାନେ ସ୍ଥାନୀୟ ଉଦ୍ୟୋଗୀ ଓ ବ୍ୟବସାୟୀ ମାନଙ୍କଠୁ ସାମଗ୍ରୀ କ୍ରୟ କରନ୍ତି ଫଳରେ ସ୍ଥାନୀୟ ଅର୍ଥନୀତି ସୁଦୃଢ଼ ହୋଇଥାଏ। ଏହା ସହିତ ଆତିଥ୍ୟ, ପରିବହନ, ଖାଦ୍ୟ ଏବଂ ଖୁଚୁରା କ୍ଷେତ୍ରକୁ ମଧ୍ୟ ପ୍ରୋତ୍ସାହନ ମିଳିଥାଏ। ବ ମାନର କୁମ୍ଭ ମେଳା ବିଭିନ୍ନ କ୍ଷେତ୍ରରେ ବ୍ୟାପକ ଆର୍ଥିକ ଅଭିବୃଦ୍ଧିର ସାକ୍ଷୀ ହୋଇ ରହିଛି ଭାରତ। ତୀର୍ଥ କ୍ଷେତ୍ର ପ୍ରୟାଗ ରାଜ ଏବଂ ଏହାର ଆଖପାଖ ଅଂଚଳରେ ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ ହୋଟେଲ ଅଛି। ଏଥି ସହ ଏହି ସଙ୍ଗମ ସହରରେ ଦୁଇଟି ପ ତାରକା ହୋଟେଲ ଯାହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି। ଏହି ହୋଟେଲ ମାନେ ପ୍ରାୟ ୪୦,୦୦୦ କୋଟିରୁ ଅଧିକ ବ୍ୟବସାୟ କରିବ ବୋଲି ଆକଳନ କରିଛି। ପରିବହନ କ୍ଷେତ୍ରରେ ଟ୍ୟାକ୍ସି ସେବା, ଇ ରିକ୍ସା ୨୦,୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ବ୍ୟବସାୟ କରିବ ବୋଲି ଆଶା ରଖିଛି। ଯାତ୍ରା ପ୍ୟାକଜରେ ୧୦,୦୦୦ କୋଟିରୁ ଉର୍ଦ୍ଧ୍ୱ ବ୍ୟବସାୟ କରିବାର ଆଶା ରଖିଛି। ପର୍ଯ୍ୟଟନ ବିଭାଗ ୧୦୦୦ର ପର୍ଯ୍ୟଟକ ଙ୍କୁ ମାର୍ଗ ଦର୍ଶନ କରିବା ପାଇଁ ଏକ ଗାଇଡ ଦଳଗଠନ କରିଛି। ଏହି ମହାକୁମ୍ଭ ପରିଦର୍ଶନ ପାଇଁ ହେଲିକେପ୍ଟର ସେବାରୁ ହାରାହାରି ୩.୫ କୋଟି ଟଙ୍କା ରାଜସ୍ୱ ମିଳିବ ବୋଲି ଆକଳନ କରାଯାଇଛି। ୭୦୦୦ ତୀର୍ଥଯାତ୍ରୀ ହେଲିକେପ୍ଟର ରେ ମେଳାଉପଭୋଗ କରିବେ ଫଳରେ ୧୫୭ କୋଟିରୁ ଅଧିକ ରାଜସ୍ୱ ମିଳିବ ବୋଲି ଅନୁମାନ କରାଯାଇଛି। ଯଦି ଆମେ ଅତିତକୁ ରୋମନ୍ଥନ କରିବା ତେବେ ଅନୁମେୟ ହୁଏଯେ ଆଜକୁ ୧୪୫ ବର୍ଷ ପୂର୍ବେ ମହାକୁମ୍ଭର ବଜେଟ ଥିଲା ୨୦,୨୮୮ ଟଙ୍କା, ଯାହା ଆଜିର ମୁଦ୍ରାସ୍ଫିତି ହାର ଅନୁସାରେ ପ୍ରାୟ ୩.୬୫ କୋଟି ଟଙ୍କା ସେହି ସମୟର ରେକର୍ଡ ଅନୁଯାୟୀ ସଙ୍ଗମକୁ ସ୍ନାନ କରିବା ପାଇଁ ଆସିଥିଲେ ଆଠ ଲକ୍ଷ ଭକ୍ତ। ସେତେବେଳେ ଦେଶର ଜନସଂଖ୍ୟା ଥିଲା ୨୨.୫ କୋଟି। ୧୮୯୪ ରେ ଦେଶର ଜନସଂଖ୍ୟା ୨୩ କୋଟିକୁ ବୃଦ୍ଧି ପାଇଲା ଏବଂ କୁମ୍ଭକୁ ଆସୁଥିବା ଭକ୍ତଙ୍କ ସଂଖ୍ୟା ୧୦ ଲକ୍ଷକୁ ବୃଦ୍ଧି ପାଇଲା। ଉକ୍ତ ବର୍ଷରେ ଏହି ମହାନ କାର୍ଯ୍ୟକ୍ରମରେ ୬୯,୪୨୭ ଟଙ୍କା ଖର୍ଚ୍ଚ ହୋଇଥିଲା, ଯାହା ଆଜିର ମୁଦ୍ରାସ୍ଫୀତି ହାରରେ ୧୦.୫ କୋଟି ଟଙ୍କା ସହିତ ସମାନ। ୧୯୦୬ କୁମ୍ଭରେ ୯୦,୦୦୦ ଟଙ୍କା ଖର୍ଚ୍ଚ ହୋଇଥିଲା। ଭକ୍ତଙ୍କ ସଂଖ୍ୟା ୨୫ ଲକ୍ଷକୁ ବୃଦ୍ଧି ପାଇଥିଲା। ୨୦୧୩ ମସିହା ପ୍ରୟାଗ ରାଜରେ ଅନୁଷ୍ଠିତ କୁମ୍ଭମେଳାରୁ ସରକାର ୧୨,୦୦୦ କୋଟି ରାଜସ୍ୱ ଅର୍ଜନ କରିଥିଲେ। ପରେ ୨୦୧୯ ରେ ଅନୁଷ୍ଠିତ କୁମ୍ଭକୁ ସେହି ସମୟର ସବୁଠାରୁ ବଡ କୁମ୍ଭ ବୋଲି କୁହା ଯାଉଥିଲା। ଏହି ମହାନ କୁମ୍ଭରେ ଭାରତ ତଥା ବିଦେଶରୁ ୨୪ କୋଟି ଭକ୍ତ ଆସିଥିଲେ। ସେତେବେଳେ ମେଳାର ବଜେଟ ଥିଲା ୪,୨୦୦ କୋଟି। ବ ମାନ ଚଳିତ ମହାକୁମ୍ଭରେ ୪୬.୨୫ କୋଟି ଭକ୍ତଙ୍କ ସମାଗମ ହେବ ଯାହାର ବଜେଟ ୨୦୨୫ ପାଇଁ ୫୪୩୫ କୋଟି ରଖାଯାଇଛି। ଏହା ଆଗକୁ ୭,୫୦୦ କୋଟି ବଢ଼ିବାର ସମ୍ଭାବନା ଅଛି। ଏହି ମହାନ ଆର୍ଥିକ ପର୍ବରେ କେନ୍ଦ୍ର ସରକାରଙ୍କ ୨୧୦୦ କୋଟି ଟଙ୍କାର ଅନୁଦାନ ଅନ୍ତର୍ଭୁକ୍ତ। ୧୪୩ ବର୍ଷ ପରେ ଏହି ମହା କୁମ୍ଭମେଳା ଆୟୋଜନ ଖର୍ଚ୍ଚ ୩୭ ଲକ୍ଷ ଗୁଣ ବୃଦ୍ଧି ପାଇଛି। ଏହି ସଂସ୍କୃତିକ ପରମ୍ପରା କୁମ୍ଭମେଳା କେବଳ ଆସ୍ଥା ଓ ବିଶ୍ୱାସର ପର୍ବ ନୁହଁ ଏହା ବିଶ୍ୱସ୍ତରୀୟ ସ୍ୱୀକୃତି, ଭାରତର ସଂସ୍କୃତିକ ଐତିହ୍ୟ ଏବଂ ସାଂଗଠନିକ କ୍ଷମତାର ଏକ ଅବିଶ୍ୱସନୀୟ ଉଦାହରଣ। ଚଳିତ ଏହି ମହାକୁମ୍ଭ ମେଳାର ସଫଳ ପରିଚାଳନା ୧ ଟ୍ରିଲିୟନ ଡଲାର ଅର୍ଥନୀତି ହେବାର ଲକ୍ଷ ହାସଲ କରିବା ପାଇଁ ଆଶାବାନ୍ଧିଛି।

*ଖୋର୍ଦ୍ଧା (୬୩୭୦୬ ୭୫୫୬୨)*

# ପେନ୍‌ସନ କମିଟି : ଆଶା କମ୍, ଆଶଙ୍କା ବେଶୀ


ବୃହସ୍ପତି ସାମଲ

କେନ୍ଦ୍ର ସରକାରଙ୍କ ପେନସନ ନୀତିରେ ପରିବ ନ ଯୋଗୁଁ ଏବେ ଉଭୟ କେନ୍ଦ୍ର ଓ ରାଜ୍ୟର କୋଟି କୋଟି ସରକାରୀ କର୍ମଚାରୀ ଓ ପେନସନଭୋଗୀ ବୟସର ଅପରାହ୍ଣରେ ଆଶାବାଡ଼ି ସାଜିଥିବା ପେନସନର ଭବିଷ୍ୟତକୁ ନେଇ ଅନେକ ସନ୍ଦେହ ଓ ଆଶଙ୍କାରେ କାଳାତିପାତ କରୁଛନ୍ତି। ନବ୍ୟ ଉଦାରବାଦ ନୀତି ପରିଚାଳନାର ଏକ ଅଂଶ ବିଶେଷ ଭାବେ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଓ ବିଶ୍ୱ ବ୍ୟାଙ୍କର ପ୍ରରୋଚନାରେ କେନ୍ଦ୍ରର ଜାତୀୟ ଗଣତାନ୍ତ୍ରୀକ ମେଣ୍ଟ ସରକାରଙ୍କ ଜିଦ୍‌ଖୋର ମନୋବୃ ି ଯୋଗୁଁ ସମସ୍ତ କେନ୍ଦ୍ର ବେସାମରିକ ସରକାରୀ କର୍ମଚାରୀଙ୍କ ପାଇଁ ଜାନୁଆରୀ ପହିଲା ୨୦୦୪ରୁ ପୁରାତନ ପେନସନ ଯୋଜନା (ଓପିଏସ) ବାତିଲ ହୋଇ ନୂତନ ପେନସନ ଯୋଜନା ଅଥବା ଜାତୀୟ ପେନସନ ଯୋଜନା (ଏନପିଏସ)ର ପ୍ରଚଳନ ହେଲା ଓ ପରେ ୨୦୧୩ରେ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ ସରକାରଙ୍କ ସମୟରେ ପେନସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ ଲାଗୁହେଲା। ଓଡ଼ିଶା ଭଳି ରାଜ୍ୟ ୧ ଜାନୁଆରୀ ୨୦୦୫ରୁ ଏନପିଏସ ଲାଗୁ କରିଥିବା ବେଳେ ପଶ୍ଚିମବଙ୍ଗ ଓ ତାମିଲନାଡୁ ଭଳି ରାଜ୍ୟରେ ଏ ପର୍ଯ୍ୟନ୍ତ ଏହା ଲାଗୁ ହୋଇନାହିଁ। ୨୦୦୩ରୁ ରାଜ୍ୟ ସ୍ତରରୁ ସର୍ବଭାରତୀୟ ସ୍ତର ପର୍ଯ୍ୟନ୍ତ କର୍ମଚାରୀମାନଙ୍କର କ୍ରମାଗତ ସଂଘର୍ଷ ଫଳରେ ଏନପିଏସ ନୀତିରେ କିଛିଟା ପରିବ ନ ଆସିବା ସହ ଆନ୍ଧ୍ରପ୍ରଦେଶ ସରକାର ଶେଷ ଦରମାର ୩୩ପ୍ରତିଶତ ପେନ୍‌ସନ ଆକାରରେ ଦେବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ନିକଟ ଅତୀତରେ ରାଜସ୍ଥାନ, ଝାଡ଼ଖଣ୍ଡ, ଛତିଶଗଡ଼, ପଞ୍ଜାବ ଓ ହିମାଚଳ ପ୍ରଦେଶର ରାଜ୍ୟ ସରକାରମାନେ ସେମାନଙ୍କ କର୍ମଚାରୀଙ୍କ ପାଇଁ ଓପିଏସକୁ ଫେରିବା ନିମି ବିଜ୍ଞପ୍ତି ଜାରି କରିଛନ୍ତି ଏବଂ ମହାରାଷ୍ଟ୍ର ସରକାର ପୁଙ୍ଖାନୁପୁଙ୍ଖ ଅନୁଶୀଳନ ପାଇଁ ୧୪ ମାର୍ଚ୍ଚ ୨୦୨୩ରେ ଏହି କମିଟି ନିଯୁକ୍ତି କରିଛନ୍ତି। ଫଳରେ ୨୦୦୩ରୁ ଏଯାବତ୍ ଗୋଟିଏ ପଟେ ରେଳବାଇ ସହ ସମସ୍ତ କେନ୍ଦ୍ର ସରକାରୀ ଓ ଶିକ୍ଷକଙ୍କ ସହ ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ନିରବଚ୍ଛିନ୍ନ ଆନ୍ଦୋଳନ ଓ ଅନ୍ୟପକ୍ଷେ ଗୋଟିଏ ପରେ ଗୋଟିଏ ରାଜ୍ୟ ସରକାର ଓପିଏସ ମୁହାଁ ହେଉଥିବା ଯୋଗୁଁ କେନ୍ଦ୍ର ସରକାର ଅନନ୍ୟୋପାୟ ହୋଇ ଏନପିଏସ ନୀତିରେ କିଛିଟା ପରିବ ନ ଆଣିବା ସକାଶେ ଭାରତର ଅର୍ଥ ସଚିବଙ୍କ ଅଧକ୍ଷତାରେ ଏକ କମିଟି ବସେଇବେ ବୋଲି ୨୪ମାର୍ଚ୍ଚ ୨୦୨୩ରେ ମାନ୍ୟବର କେନ୍ଦ୍ର ଅର୍ଥମନ୍ତ୍ରୀ ଘୋଷଣା କରି ୬ଏପ୍ରିଲ ୨୦୨୩ରେ ଲିଖିତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଶ୍ରମିକ କର୍ମଚାରୀଙ୍କ ମଙ୍ଗଳ ସକାଶେ ସରକାର ଏନପିଏସର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଗତ ବଜେଟ୍ ଅଧିବେଶନରେ ଏକ ବିଧିବଦ୍ଧ ନିଷ୍ପତି ନେବେ ବୋଲି ଆଶା କରାଯାଉଥିଲା। ହେଲେ କମିଟି ଗଠନ କରି ସରକାର କର୍ମଚାରୀଙ୍କ ଆନ୍ଦୋଳନରେ ବିରାମ ଲଗାଇବାକୁ ଚେଷ୍ଟା କରିଛନ୍ତି ହୃଦବୋଧ କରି କମିଟିର କାର୍ଯ୍ୟକାରିତାକୁ ନେଇ କର୍ମଚାରୀ ମହଲରେ କମ୍ ଆଶା ଏବଂ ଅନେକ ଆଶଙ୍କା ଓ ପ୍ରଶ୍ନବାଚୀ ସୃଷ୍ଟି ହେବାରେ ଲାଗିଛି। ଏଭଳି ଆଶଙ୍କାର କେତେକ ମୁଖ୍ୟ କାରଣ ନିମ୍ନମତେ ଆଲୋଚନା କରାଯାଇପାରେ।

ପ୍ରଥମତଃ, ଏନପିଏସ ଉପରେ କର୍ମଚାରୀ ପକ୍ଷସହ ବାରମ୍ବାର ଆଲୋଚନା ପରେ ଶେଷରେ ଜଏଣ୍ଟ କସଲଟେଟିଭ ମେସିନାରୀ ଜାତୀୟ ପରିଷଦର ୧୪ ଡ଼ିସେମ୍ବର ୨୦୦୭ର ଷ୍ଟାଣ୍ଡିଂ କମିଟି ବୈଠକରେ କେନ୍ଦ୍ର ସରକାର ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। "For the employees who have entered with effect from 01.01.2004 are not likely to be worse off vis-a-vis the current pension system in force, as the replacement rate would match to the present one. Thus, NPS is a win-win situation for the employees and the Govt." କିନ୍ତୁ ଏବେ ଯେତେବେଳେ ଏନପିଏସ ଉପଭୋକ୍ତାମାନେ ଅବସର ନେବା ଆରମ୍ଭ କଲେ ସେତେବେଳେ ଜଣାପଡ଼ିଲା ଯେ ପ୍ରତିଶ୍ରୁତିରୁ ବାସ୍ତବତା ପ୍ରକୃତରେ ବହୁ ଦୂରରେ। "ଆଶ କରିଥିଲି ତୋତେ, କାଉକୁ ଯେମନ୍ତେ କୋଇଲି ଭଣ୍ଡାଏ ସେହିପରି କଲୁ ମୋତେ"। କର୍ମଚାରୀଙ୍କ ତରଫରୁ କୌଣସି ଦେୟ ନଥାଇ ଓପିଏସରେ ଶେଷ ଦରମାର ୫୦% ପେନସନ ଆକାରରେ ମିଳୁଥିଲା ବେଳେ ଏନପିଏସରେ ମାସିକ କର୍ମଚାରୀଙ୍କ ଦେୟ ମୂଳ ଦରମାର ୧୦% ପ୍ରତିଶତ ଓ ସରକାରଙ୍କ ଦେୟ ୧୪% ଥାଇ ମଧ ତାହା ପାଖାପାଖି ୧୦%ରେ ସୀମିତ ରହୁଛି ଯାହା କୋଟି କୋଟି କର୍ମଚାରୀ ଓ ସେମାନଙ୍କ ପରିବାରର ସାମାଜିକ ସୁରକ୍ଷା ଉପରେ ଏକ ବିରାଟ ପ୍ରଶ୍ନବାଚୀ। ଉଦାହରଣ ସ୍ୱରୂପ କୁହାଯାଇପାରେ ଶେଷ ଦରମା ୫୬୯୦୦ଥାଇ ଗୋଳାବାରୁଦ କାରଖାନାର କର୍ମଚାରୀ ଶ୍ରୀ ଶିବଶଙ୍କରନ ୧୬ବର୍ଷ ୬ମାସ ଚାକିରୀ କରି ଅବସର ଗ୍ରହଣ କଲେ। ଓପିଏସରେ ମାସିକ ପେନସନ ଯାହା ୨୮୪୫୦ ହୋଇଥା'ନ୍ତା, ଏନପିଏସରେ ତାହା ମାତ୍ର ୪୯୦୦ ମିଳିଲା। ସେହିପରି ଶ୍ରୀ ରାମଚନ୍ଦ୍ରନ ୧୩ବର୍ଷ ୫ମାସ ଚାକିରୀ କରି ଶେଷ ଦରମା ୩୦୫୦୦ ଥାଇ ଅବସର ନେଲେ। ଓପିଏସରେ ମାସିକ ପେନସନ ଯାହା ୧୫୨୫୦ ହୋଇଥା'ନ୍ତା ଏନପିଏସରେ ତାହା ମାତ୍ର ୨୪୧୭ ମିଳିଲା। ଏହିଭଳି ଉଦାହରଣ ଅନେକ। ଏନପିଏସ ଉପଭୋକ୍ତାମାନେ ସରକାରୀ ଚାକିରୀରୁ ଅବସର ନେଲାପରେ ପରିବାର ପ୍ରତିପୋଷଣ ପାଇଁ କେହି ପରିବା ବିକୁଛି, କେହି ଦିନ ମଜୁରିଆ ଭାବେ କାମ କରୁଛି ତ ଆଉ କେହି ପାନ ଦୋକାନ ଖଣ୍ଡେ କରି ଗୁଜୁରାଣ ମେଣ୍ଟଉଛି। କେହିକେହି ସ୍ୱାଭିମାନ ଆର୍ଥିକ ବୋଝ ମୁଣ୍ଡେଇ ନପାରି ଆତ୍ମହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହାନ୍ତି। ଏମିତି ଖବର ଅସରନ୍ତି। ଏଭଳି ପରିସ୍ଥିତିରେ, କୌଣସି ପ୍ରତିଶ୍ରୁତିକୁ ଭରସା ନକରି କର୍ମଚାରୀମାନେ ନିଜର ତଥା ପରବ ୀ ପିଢ଼ିର ଭବିଷ୍ୟତ ଉଜୁଡ଼ିଯିବା ଆଶଙ୍କାରେ ଏନପିଏସ ଉଚ୍ଛେଦ ଆନ୍ଦୋଳନକୁ ତୀବ୍ରତର କରିବାରେ ଲାଗି ପଡ଼ିଛନ୍ତି।

ଦ୍ୱିତୀୟତଃ, ସପ୍ତମ ବେତନ ଆୟୋଗ ପରିପ୍ରେକ୍ଷୀରେ ସର୍ବନିମ୍ନ ବେତନକୁ ୧୮୦୦୦ରୁ ୨୬୦୦୦କୁ ବୃଦ୍ଧି ଏବଂ ବେତନ ନିର୍ଦ୍ଧାରଣ ସୂତ୍ରର ସଂଶୋଧନ ପାଇଁ ୧୧ଜୁଲାଇ ୨୦୧୬ରୁ ଅନିର୍ଦ୍ଧିଷ୍ଟ କାଳ ଧର୍ମଘଟ କରିବେ ବୋଲି ରେଳବାଇ ସହ ସମସ୍ତ କେନ୍ଦ୍ର ସରକାରୀ କର୍ମଚାରୀ ଜାତୀୟ ଯୁଗ୍ମ କାର୍ଯ୍ୟକାରିଣୀ ପରିଷଦ ତରଫରୁ ଯେତେବେଳେ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରିକଲେ, କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ୬ଜୁଲାଇ ୨୦୧୬ରେ ଏକ ପ୍ରେସ ଇସ୍ତାହାର ଜାରି କରି ଏକ ଉଚ୍ଚ ସ୍ତରୀୟ କମିଟି ଜରିଆରେ ପୁଙ୍ଖାନୁପୁଙ୍ଖ ଅନୁଶୀଳନ ସହ ୪ମାସ ଭିତରେ ନିଷ୍ପ ି ନେବାପାଇଁ ଘୋଷଣା କଲେ। ଲିଖିତ ପ୍ରତିଶ୍ରୁତି ପାଇ କର୍ମଚାରୀମାନେ ଆନ୍ଦୋଳନରୁ ଓହରି ଯିବାପରେ ସେ ସମୟର ଅର୍ଥମନ୍ତ୍ରୀ ୧୯ ଜୁଲାଇ ୨୦୧୬ରେ ରାଜ୍ୟ ସଭାର ପ୍ରଶ୍ନୋ ର କାଳରେ ଉ ର ରଖିଲେ ଯେ, ସେଭଳି କୌଣସି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧିନ ନାହିଁ। କି ବିଚିତ୍ର କଥା ! ୪ମାସ ଯାଇ ୭ବର୍ଷ ଅତିବାହିତ ହେବାକୁ ବସିଲାଣି, ଉଚ୍ଚ ସ୍ତରୀୟ କମିଟି ଗଠନ ତ ଦୂରର କଥା, ସରକାର କର୍ମଚାରୀଙ୍କ କୌଣସି କଥା ଶୁଣିବା ଅବସ୍ଥାରେ ନାହାନ୍ତି। ସରକାରଙ୍କ ତରଫରୁ କର୍ମଚାରୀଙ୍କୁ ଦିଆଯାଇଥିବା ଏଭଳି ଅନେକ ନିଷ୍ଫଳ ପ୍ରତିଶ୍ରୁତିର ଅବତାରଣା କରାଯାଇପାରେ। ତେଣୁ ଏନପିଏସ କମିଟିର ଫଳାଫଳକୁ ନେଇ କର୍ମଚାରୀ ମହଲରେ ଅନେକ ସଂଶୟ।ତୃତୀୟତଃ, ଏନପିଏସ କମିଟିର ଲିଖିତ ନିର୍ଦ୍ଦେଶନାମାରେ ବିଚାର ନିମନ୍ତେ ଯେଉଁ ସବୁ ସ ାବଳୀ ନିହୀତ ଅଛି ସେଥିରେ କମିଟିର କାର୍ଯ୍ୟକାଳ ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇନାହିଁ କିମ୍ବା କର୍ମଚାରୀ ପକ୍ଷର ପ୍ରତିନିଧିମାନଙ୍କୁ ନିଜର ପକ୍ଷ ରଖିବା ପାଇଁ କୌଣସି ପ୍ରାବଧାନ ନାହିଁ। ଅଧିକନ୍ତୁ, ଅର୍ଥ ସଚିବଙ୍କ ଅଧକ୍ଷତାରେ ଗଠିତ ଏହି କମିଟିରେ ଭାରତ ସରକାରଙ୍କ କାର୍ମିକ ଓ ପ୍ରଶିକ୍ଷଣ ବିଭାଗର ସଚିବ, ବ୍ୟୟ ବିଭାଗର ସ୍ୱତନ୍ତ୍ର ସଚିବ ଏବଂ ପେନସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣର ଅଧକ୍ଷ ସଭ୍ୟ ରହିଥିବା ବେଳେ ଏଥିରେ କର୍ମଚାରୀ ପ୍ରତିନିଧିମାନଙ୍କର ସ୍ଥାନ ନାହିଁ। ଏଭଳି ପରିସ୍ଥିତିରେ କମିଟିର ସୁସ୍ଥ କାର୍ଯ୍ୟକାରିତାକୁ ନେଇ ଆଶଙ୍କା ସୃଷ୍ଟି ହେବା ସ୍ୱାଭାବିକ। ଚତୁର୍ଥ କାରଣ ହେଲା, ୨୦୨୪ ସାଧାରଣ ନିର୍ବାଚନର ବର୍ଷ ହୋଇଥିବା ଯୋଗୁଁ ୨୦୨୩ ପ୍ରାରମ୍ଭରୁ ସମସ୍ତ ରାଜନୈତିକ ଦଳ ଭୋଟରଙ୍କୁ ଆକୃଷ୍ଟ କଲାଭଳି ନିଜ ନିଜର ନିର୍ବାଚନୀ ଇସ୍ତାହାରକୁ ରୋଚକ ଓ ମନଲୋଭା କରିବାରେ ବ୍ୟଗ୍ରତା ଦେଖାଉଛନ୍ତି। ଏବେ ଯେଉଁ କେତୋଟି କଂଗ୍ରେସ ଶାସିତ ରାଜ୍ୟ ଓପିଏସକୁ ଫେରିବାକୁ ପ୍ରତିଶ୍ରୁତି ଦେଉଛନ୍ତି, କେନ୍ଦ୍ରରେ ଯେତେବେଳେ ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ସେହି କଂଗ୍ରେସ ନେତୃତ୍ୱାଧିନ ସରକାର ଚାଲିଥିଲା, ସେମାନେ ଏନପିଏସ ଉଚ୍ଛେଦ ପାଇଁ କୌଣସି ପଦକ୍ଷେପ ନନେଇ ବରଂ ୨୦୧୩ରେ ପେନସନ ନିଧି ନିୟାମକ ଓ ବିକାଶ ପ୍ରାଧିକରଣ ଅଧିନିୟମ ଲାଗୁ କରେଇ ଏନପିଏସର ଚେରକୁ ମଜଭୁତ କରାଇଲେ। ଏନପିଏସରେ ପରିବ ନ ଆଣିବା ନୁହେଁ ବରଂ ସମ୍ପୂର୍ଣ୍ଣ ଛଚ୍ଛେଦ କର୍ମଚାରୀଙ୍କର ଦାବି। ତେଣୁ, ପେନସନ କମିଟି ଗଠନ ଏବର କେନ୍ଦ୍ର ସରକାରଙ୍କର ଏକ ନିର୍ବାଚନୀ ଚାଲ କହିଲେ କିଛି ଅତ୍ୟୁକ୍ତି ହେବନାହିଁ। ନିର୍ବାଚନ ପୂର୍ବରୁ ଜନସାଧାରଣଙ୍କୁ ଦିଆଯାଇଥିବା ଅନେକ ପ୍ରତିଶ୍ରୁତି ପାଣିର ଗାର ହୋଇ ରହିଯାଇଛି। ଲୋକେ ଆଜିବି ବେରୋଜଗାରୀ, ଦରବୃଦ୍ଧି, ଦୁର୍ନିତୀ ତଥା କଳାବଜାରି ସହ ଜୁଝୁଛନ୍ତି। ଏନପିଏସ ଉଚ୍ଛେଦ ପ୍ରସଙ୍ଗ ୨୦୦୩ରୁ ଆରମ୍ଭ ହୋଇ ୨୦ବର୍ଷରେ ପଦାର୍ପଣ କରି ଚାରି ଚାରିଟି ସରକାରର ସାମନା କଲାଣି। ତଥାପି ସଙ୍ଘର୍ଷ ଚାଲିଛି। ରାଜନୈତିକ ଦଳମାନଙ୍କର କୌଣସି ନିର୍ବାଚନୀ ପ୍ରତିଶ୍ରୁତିରେ ବିଶ୍ୱାସ କଲାଭଳି ମାନସିକତା କର୍ମଚାରୀଙ୍କର ଆଉ ଆଦୌନାହିଁ। "ଏ ସନ ମଲୁ ଆର ସନକୁ ବଇଦ" ନ୍ୟାୟରେ କର୍ମଚାରୀମାନେ ବି ଢ଼େର ଅଭିଜ୍ଞତା ଗୋଟେଇଲେଣି। ପେନସନ କାହାରି ଦାନ ବା ଦୟା ନୁହେଁ, ବରଂ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ଅନୁମୋଦିତ ଏହା ଏକ କର୍ମଚାରୀର ସାମ୍ବିଧାନିକ ଅଧିକାର। ଦେଶର ଜନପ୍ରତିନିଧିମାନେ ମାତ୍ର ୫ବର୍ଷ ପାଇଁ ନିର୍ବାଚିତ ହୋଇ ନିଜର ବେତେନ ଓ ଭ । ବୃଦ୍ଧିକରି ଓପିଏସ ଆଧାରରେ ଏକାଧିକ ପେନସନର ସୁବିଧା ସୁଯୋଗ ଉପଭୋଗ କରୁଥିବା ବେଳେ, ସମ୍ପୂର୍ଣ୍ଣ ଯୋଗ୍ୟତା ଭି ିରେ ୩୫ ବର୍ଷରୁ ୪୦ ବର୍ଷ ଚାକିରୀ କରୁଥିବା କର୍ମଚାରୀଙ୍କ ପାଇଁ ବୈମାତୃକ ମନୋଭାବ ପୋଷଣ କରିବା ଭାରତ ଭଳି ଏକ ଜନମଙ୍ଗଳ ରାଷ୍ଟ୍ରରେ ଆଦୌ ଗ୍ରହଣୀୟ ନୁହେଁ। ତେଣୁ ସାରା ଦେଶରେ ଶ୍ରମିକ କର୍ମଚାରୀ ଆନ୍ଦୋଳନ ଶିଖରରେ ପହଞ୍ଚିବା ଆଗରୁ ଉପରୋକ୍ତ କମିଟି ଏନପିଏସର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିବା ଜରୁରୀ ବୋଲି ଆଶା କରାଯାଉଛି।




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବ୍ୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ, ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାର୍‌ରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବ୍ୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାର୍‌ରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶ୍ରୁତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଚାହୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କ୍‌ରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାର୍‌ରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୂରୀ, ଡକ୍ଟର ଅମ୍ରିତ୍ ପଟ୍ଟଯୋଶୀ, ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅପିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାର୍‌ରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାର୍‌କୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାର୍‌କୁ ସୁଚାରୁରୂପେ ପରିଚାଳନା କରିଥିଲେ ।







## ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ରେ ବ୍ରହ୍ମପୁରରୁ ସୁରତ ଯାତ୍ରା କଲେ ୧୪୩୯ ଯାତ୍ରୀ

ଗଞ୍ଜାମ, (ପିଏନ)- ପୁରୀ-ଅହମ୍ମଦାବାଦ ସ୍ପେଶାଲ ଶ୍ରମିକ ଟ୍ରେନ୍ ଗତକାଲି ରାତି ୮ଟା ରେ ବ୍ରହ୍ମପୁର ଷ୍ଟେସନରେ ପହଂଚିଥିଲା । ପୂର୍ବରୁ ଟ୍ରେନ୍ କୁ ଅପେକ୍ଷା କରିଥିବା ଶହସ୍ରାଧିକ ଯାତ୍ରୀ ଟ୍ରେନ୍ ରେ ଚଢ଼ିଥିଲେ । ମୁଖ୍ୟତଃ ସୁରତ ଯିବାକୁ ଚାହୁଁଥିବା ପ୍ରବାସୀ ଶ୍ରମିକ ମାନେ ମହିଳା ଓ ପିଲାଛୁଆଙ୍କ ସହିତ ସଂରକ୍ଷିତ ଟିକେଟ୍ କରି ଟ୍ରେନ୍ ରେ ଚଢ଼ିଥିଲେ । ବ୍ରହ୍ମପୁର ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମାଙ୍କ ସୂଚନା ମୁତାବକ ମୋଟ୍ ୧୪୩୯ ଯାତ୍ରୀ ଏହି ଟ୍ରେନ୍ ରେ ବ୍ରହ୍ମପୁର ଷ୍ଟେସନରୁ ଯାତ୍ରା କରିଛନ୍ତି । ଥର୍ମାଲ୍ ସ୍କ୍ରିନିଂ, ସାମାଜିକ ଦୂରତା, ମାସ୍କ ପରିଧାନ, ବିଶୋଧନ ଆଦି ପ୍ରତି ବିଶେଷ ଧ୍ୟାନ ରଖାଯାଇଛି ବୋଲି କହିଛନ୍ତି ଷ୍ଟେସନ୍ ମ୍ୟାନେଜର । ଦୀର୍ଘ ୪ ମାସ ପରେ ଏହି ପ୍ରବାସୀ ଶ୍ରମିକମାନେ ପୁଣି ଥରେ କର୍ମସଂସ୍ଥାନ ପାଇଁ ଗୁଜୁରାଟ ତଥା ସୁରତ ଅଭିମୁଖେ ଯାତ୍ରା କରୁଥିବାରୁ ଗଞ୍ଜାମ ଜିଲ୍ଲା ବିଜେପି ପକ୍ଷରୁ ଯାତ୍ରୀ ମାନଙ୍କୁ ଶୁଭକାମନା ଜ୍ଞାପନ କରାଯାଇଥିଲା ।

### ୨ବର୍ଷର ଝିଅ ଦେହରେ ୨୮ ଥର ବ୍ୟାଣ୍ଡେଜ ଘଟଣା

## ଚିକିତ୍ସା ପାଇଁ ପ୍ରଶାସନର ପ୍ରସ୍ତୁତି ଆରମ୍ଭ

କନ୍ଧମାଳ,(ପିଏନ)- ଦାରିଙ୍ଗବାଡ଼ି ବ୍ଲକ ହାତୀମୁଣ୍ଡା ପଂଚାୟତ ଅର୍ନ୍ତଗତ ଡାହୁ ଗ୍ରାମର ୨ବର୍ଷର ଝିଅ ସାଲୁନିକା ପ୍ରଧାନ । ଜନ୍ମ ହେବାର ୧୩ଦିନ ପର ଠାରୁ ଝିଅକୁ କେହି ଧରିଲେ ଦେହର ହାଡ଼ଗୁଡ଼ିକ ଭାଙ୍ଗିଯାଉଛି । ସେଥିପାଇଁ ୨ବର୍ଷର ଝିଅର ହାତ, ଗୋଡ଼ ସମେତ ଶରୀରର ବିଭିନ୍ନ ଅଙ୍ଗରେ ୨୮ଟି ବ୍ୟାଣ୍ଡେଜ୍ ପଡ଼ିଛି । ଏନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସାଲୁନିକାର ସମସ୍ତ ଚିକିତ୍ସା ମାଗଣାରେ କରିବା ପାଇଁ କଟକ ଜିଲ୍ଲା ଓଲଟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ଜାତୀୟ ପୁର୍ନବାସ ପ୍ରଶିକ୍ଷଣ ଓ ଅନୁସନ୍ଧାନ ସଂସ୍ଥା(ନିରତାର୍) ନିଜ ତରଫରୁ ଏନେଇ କନ୍ଧମାଳ ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଛନ୍ତି । ନିରତାର୍‌ର ନିର୍ଦ୍ଦେଶକ ଡାକ୍ତର ଶକ୍ତି ପ୍ରସାଦ ଦାସ ସାଲୁନିକାର ଏଭଳି ବିରଳ ରୋଗ ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ସଂସ୍ଥାର ବୈଷୟିକ ନିର୍ଦ୍ଦେଶକ କିଶୋର ଚନ୍ଦ୍ର ମହାପାତ୍ରଙ୍କ ସହିତ ଆଲୋଚନାକରିଥିଲେ । ଏହାପରେ ସେ ଫୁଲବାଣୀ ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ର(ଡିଡିଆରସି)ର ଅଧିକ୍ଷକ ଅକ୍ଷୟ କୁମାର ପଣ୍ଡାଙ୍କ ସହିତ ଯୋଗାଯୋଗ କରି ସାଲୁନିକାକୁ ଓଲଟପୁରକୁ ପଠାଇବାର ବ୍ୟବସ୍ଥା କରିବାକୁ ଅନୁରୋଧ କରିଥିଲେ । ପରେ ସେ କନ୍ଧମାଳ ଜିଲ୍ଲାପାଳଙ୍କୁ ମଧ ଏକ ଚିଠିଲେଖି ପୀଡ଼ିତା ଝିଅକୁ ସଂସ୍ଥାକୁ ପଠାଇଲେତାହାର ଚିକିତ୍ସା ସଂସ୍ଥା ତରଫରୁ ସମ୍ପୁର୍ଣ୍ଣ ମାଗଣାରେ କରାଯିବ ବୋଲି କହିଛନ୍ତି । ସଂସ୍ଥା ଠାରୁ ଚିଠି ପାଇବା ପରେ ଜିଲ୍ଲାପାଳ ମଧ ତୁରନ୍ତ ତତ୍ପରତା ପ୍ରକାଶ କରି ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଜରିଆରେ ଖୁବ ଶୀଘ୍ର ପୀଡ଼ିତା ଝିଅ ସାଲୁନିକାକୁ ଓଲଟପୁର ସ୍ଥିତ ନିରତାର୍ କୁ ପଠାଇବା ବ୍ୟବସ୍ଥା କରୁଥିବା ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏଭଳି ସ୍ଥଳେ ଆସନ୍ତା ସୋମବାର କିମ୍ବା ମଙ୍ଗଳବାର ଦିନ ସାଲୁନିକାର ଚିକିତ୍ସା ପାଇଁ କଟକ ସ୍ଥିତ ଓଲଟପୁରକୁ ନିଆଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ୩ ବର୍ଷ ହେଲା ଭାଙ୍ଗି ଯାଇଥିବା କସଲକୋଣ୍ଡା ବ୍ରିଜ ଓ ରାସ୍ତା ମରାମତି ପାଇଁ ଦାବୀ

ମାଲକାନଗିରି, (ପିଏନ)-ଗତ ୩ ବର୍ଷ ତଳେ ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଚିନ୍ତଲବାଡା ପଂଚାୟତ କସଲକୋଣ୍ଡା ଗାଁ ମୁଖ୍ୟ ରାସ୍ତା କୁ ସଂଯୋଗ କରୁଥିବା ଗମ୍ପାକୋଣ୍ଡା କେନାଲ ରାସ୍ତାରୁ ଯାଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ର ରାସ୍ତା ଓ ବ୍ରିଜ ଧୋଇହୋଇଯାଇଥିଲା । ହେଲେ ଆଜି ପ୍ରଯ୍ୟନ୍ତ ଉକ୍ତ ବ୍ରିଜ ନିର୍ମାଣ କରାଯାଇନଥିବାରୁ ଏହି ରାସ୍ତାଦେଇ ଯାଉଥିବା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରିଜ ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଥିବାରୁ ଏହି ରାସ୍ତାଦେଇ ଚାଲିଚାଲି ଯିବା କଷ୍ଟକର ହୋଇପଡୁଛି ।

ପ୍ରକାଶ ଥାଉକି ଗମ୍ପାକୋଣ୍ଡା ମୁଖ୍ୟ କେନାଲ ରୁପୁରୁଣା ପଂଚାୟତ ଅଫିସ ପର୍ଯ୍ୟନ୍ତ ପ୍ରାୟ ୨ କିମି ରାସ୍ତା ବର୍ଷାରେ ଧୋଇହୋଇଯାଇଛି । ଏହି ରାସ୍ତାର ମଧ ଭାଗରେ କସଲ କୋଣ୍ଡା ନାଳ ରହିଛି, ଯାହାର ଲମ୍ୱ ୧ ୫ ମିଟର । ଉକ୍ତ ରାସ୍ତା ଚିନ୍ତଲବାଡା ଓ ଗୁମୁକା ପଂଚାୟତକୁ ସଂଯୋଗ କରୁଥିବାରୁ ବହୁ ଲୋକ ସୁବିଧାରେ ଯାତାୟାତ କରୁଥିଲେ । ତେବେ ୩ ବର୍ଷ ଧରି ରାସ୍ତା ଓ ବ୍ରିଜ ମରାମତି ହୋଇନଥିବାରୁ କସଲକୋଣ୍ଡା, ସିନ୍ଧିଗୁଡା, ଏବଂ ନିକଟରେ ଥିବା ଅନ୍ୟ ୬ ଟି ଗାଁ ର ଶତାଧିକ ଲୋକ ନାହିଁ ନଥିବା ଦୁର୍ଦ୍ଦର୍ଶା ଭୋଗୁଛନ୍ତି । ସାଧାରଣତଃ କାହାର ଦେହ ଖରାପ ହେଲେ ରୋଗୀ, ଗର୍ଭବତୀଙ୍କୁ ଚିକିତ୍ସାଳୟ ନେବାକୁ ଗାଁ ନିକଟକୁ ଆମ୍ବୁଲାନ୍ସ ଆସିପାରେନାହିଁ !ଫଳରେ ରୋଗୀଙ୍କୁ ଖଟିଆରେ ବୋହିବାକୁ ପଡିଥାଏବୋଲି କସଲକୋଣ୍ଡା ଗ୍ରାମର ୱାର୍ଡ ମେମ୍ବର ଈରମେ କବାସୀ କହିଛନ୍ତି । ମରାମତି ପାଇଁ ପ୍ରଶାସନ ପାଖରେ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ସୁଦ୍ଧା କେହି ଶୁଣୁ ନ ଥିବା ପଂଚାୟତବାସୀ ଅଭିଯୋଗ କରିଛନ୍ତି !ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାପାଇଁ ଦାବୀ ହେଉଛି !

### ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

## ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଳୁତୁମ୍ବା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଝଂପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଡି ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

## ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତା । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି, ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ତେବେ ତାଙ୍କ ଭଳି ଦାରିଙ୍ଗବାଡି ଅଂଚଳରେ ଥିବା ଆଉ ୧୧ ଜଣ ଏକାକୀ ମହିଳାଙ୍କୁ ଆକ୍ସନଏଡ ତରଫରୁ ୫ ହାଜର ଟଙ୍କା ଲେଖାଏଁ ପ୍ରାଦାନ କରାଯିବାସହିତ ସେମାନଙ୍କୁ ସେମାନଙ୍କର ଇଛା ଓ ସୁବିଧା ଅନୁସାରେ ଛେଳିଚାଷ, ପନିପରିବା ଚାଷ, ମାଣ୍ଡିଆ ଚାଷ ଏବଂ ସିଆଳି ଖଲି ତିଆରି କରିବା ଭଳି ବିଭିନ୍ନ ଆତ୍ମନିର୍ଭରଶୀଳ କାମ କରି ସ୍ୱାଲମ୍ବୀ ହୋଇପାରିଛନ୍ତି । ଦାରିଙ୍ଗବାଡି ସମେତ କନ୍ଧମାଳ ଜିଲ୍ଲାରେ ଆକ୍ସନଏଡ ତରଫରୁ ଫୁଲବାଣୀ, ତୁମୁଡିବନ୍ଧ ଓ ଘୁ.ଉଦୟଗିରି ଅଂଚଳରେ ଏହିପରି ୩୧ ଜଣ ମହିଳାଙ୍କୁ ସାମାନ୍ୟ ଅର୍ଥିକ ସହାୟତା ଯୋଗାଇ ଦେବାସହିତ ସେମାନଙ୍କୁ ତାଙ୍କର ସୁବିଧା ଅନୁସାରେ କାମକରି ସେମାନଙ୍କୁ ମଧ୍ୟ ଆତ୍ମନିର୍ଭରଶୀଳ କରିବା ପାଇଁ ଉଦ୍ୟମ କରାଯାଇଛି । ସେମାନେ ମଧ୍ୟ ସେମାନଙ୍କର ପ୍ରଚେଷ୍ଟାରେ ବିଭିନ୍ନ କାର୍ଯ୍ୟ ମାଧ୍ୟମରେ ସେମାନଙ୍କ ପରିବାରର ଆର୍ଥିକ ଅଭିବୃଦ୍ଧି କରିବାରେ ଲାଗିଛନ୍ତି ବୋଲି ଦାରିଙ୍ଗବାଡି ଅଂଚଳରେ କାର୍ଯ୍ୟରତ ଆକ୍ସନଏଡର ଧନେଶ୍ୱର ସାହୁ କହିଛନ୍ତି ।

## ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ । ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତ୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ । ବରିଷ୍ଠ କଂଗ୍ରେସ ନେତା ଅଧ୍ୟାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତ୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ରତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧ୍ୟକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧ୍ୟକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ବିଶିଷ୍ଟ କର୍ମଚାରୀ ନେତା ଅକ୍ଷୟ ମହାକୁଡ଼ଙ୍କ ପଂଚମ ବାର୍ଷିକ ଶ୍ରାଦ୍ଧୋତ୍ସବ ପାଳିତ

ଭୁବନେଶ୍ୱର, (ପିଏନ)- ଓଡ଼ିଶା ସଚିବାଳୟ ଅମଲାସଂଘ, ଓଡ଼ିଶା ସଚିବାଳୟ ସେବାସଂଘର ପୂର୍ବତନ ସାଧାରଣ ସମ୍ପାଦକ, ସଚିବାଳୟ କର୍ମଚାରୀ ମହାସଂଘର ମହାସଚିବ, ଓଡ଼ିଶା ଶିକ୍ଷକ କର୍ମଚାରୀ ମିଳିତମଂଚର ସଂଯୋଜକ ଏବଂ ଡିଏଭି ପବ୍ଲିକ୍ ସ୍କୁଲ୍ ଅଭିଭାବକ ଆନ୍ଦୋଳନର କର୍ଣ୍ଣଧାର, ନିର୍ଭୀକ ଲଢୁଆ କର୍ମଚାରୀ ନେତା ସ୍ୱର୍ଗତ ଅକ୍ଷୟ କୁମାର ମହାକୁଡଙ୍କ ପଂଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ଭୁବନେଶ୍ୱର ଓସା ହାଉସ୍‌ରେ ଚିତରଂଜନ ହୋତାଙ୍କ ଅଧ୍ୟକ୍ଷତାରେ ସାମାଜିତ ଦୂରତା ଅବଲମ୍ବନ କରାଯାଇ ଆଜି ମଧ୍ୟାହ୍ନରେ ପାଳିତ ହୋଇଯାଇଅଛି । ଏହି ଅବସରରେ ଓଡ଼ିଶା ସଚିବାଳୟ ସେବାସଂଘ ସାଧାରଣ ସମ୍ପାଦକ ବିବେକାନନ୍ଦ ସାମଲ୍, କର୍ମଚାରୀ ସଙ୍ଗଠକ ସୁବାସ ଷଡ଼ଙ୍ଗୀ, ଗିରିଜା ଶଙ୍କର ଦାସ, ମନୋରଞ୍ଜନ ଦାସ, ପ୍ରଶାନ୍ତ ନାୟକ, ବିଚିତ୍ରାନନ୍ଦ ଦାସ, ଶ୍ରୀକାନ୍ତ ରାଉତ, ପ୍ରଦୀପ୍ତ ସାମନ୍ତରାୟ, ମନୋରଞ୍ଜନ ମଲ୍ଲିକ୍, ସନ୍ତୋଷ ଦାଶ, ଅଭୟ ମହାନ୍ତି, ରାମ ମହାନ୍ତି, ଲକ୍ଷ୍ମୀଧର ବେହେରା ପ୍ରମୁଖ ସ୍ୱର୍ଗତ ମହାକୁଡଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ସହ ଦୀପଦାନ କରିଥିଲେ । ଦୁଇ ମିନିଟ୍ ନିରବ ପ୍ରାର୍ଥନା ମାଧ୍ୟମରେ ସ୍ୱର୍ଗତ ନେତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ସଂଗ୍ରାମ, ତ୍ୟାଗ ନୂତନ କର୍ମଚାରୀମାନଙ୍କୁ ଦିଗ୍‌ଦର୍ଶନ ଦେବ ବୋଲି ମତବ୍ୟକ୍ତ କରିଥିଲେ ।

## ବିକ୍ରି ପାଇଁ ଦୋକାନ ରେ ରଖିଥିବା ପେଟ୍ରୋଲରୁ ନିଆଁ ଲାଗି ଦୋକାନ ଧୂଳିସାତ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଛକ ଠାରେ ଥିବା ରାଜୁ ପାଙ୍ଗୀଙ୍କ ଦୋକାନରେ ନିଆଁ ଲାଗି ଦୋକାନଟି ସମ୍ପୂର୍ଣ ପୋଡି ଧୂଳିସାତ ହୋଇଯାଇଛି । ଦୋକାନ ରେ ଥିବା ପ୍ରାୟ ୭ ୦ ହଜାର ଟଙ୍କାର ଦୋକାନ ସାମଗ୍ରୀ ସହିତ ବହୁ ଆସବା ପତ୍ର ପୋଡି ପାଉଁଶ ହୋଇଯାଇଛି ।ସ୍ଥାନୀୟ ଲୋକମାନେ ନିଆଁକୁ ଆୟତ କରିବାକୁ ଉଦ୍ୟମ କରିଥିଲେ ହେଲେ ନ ପାରିବାରୁ ଏ ସମ୍ପର୍କରେ କୋରୁକୋଣ୍ଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ !ଅଗ୍ନିଶମ କର୍ମଚାରୀମାନେ ଘଟଣା ସ୍ଥଳରେ ପହଂଚି ଦୀର୍ଘ ସମୟ ଧରି ସଂଘର୍ଷ କରିବାପରେ ନିଆଁକୁ ଆୟତତ୍ତ କରିବାରେ ସଫଳ ହୋଇଥିଲେ ।ମିଳିଥିବା ସୂଚନା ଅନୁଯାୟୀ ଦୋକାନରେ ବିକ୍ରୀ କରିବା ନିମନ୍ତେ ଏକ ପ୍ଲାଷ୍ଟିକ ଜାରକିନ ରେ ପ୍ରାୟ ୬ ୦ ଲିଟର ପେଟ୍ରୋଲ ରଖିଥିଲେ ତେବେ କୋଣସି କାରଣରୁ ଜାରକିନ ରେ ନିଆଁ ଲାଗିଯାଇଥିଲା । ଫଳରେ ପେଟ୍ରୋଲର ନିଆଁ ଉଗ୍ରରୂପ ନେବା ସହ ସମଗ୍ର ଦୋକାନ କୁ ପୋଡି ଜାଳି ଦେଲା ।ଏହି ଅଗ୍ନିକାଣ୍ଡରେ ଲୋକଙ୍କ କିଛି କ୍ଷତି ହୋଇନାହିଁ । ଜିଲ୍ଲାର ବିଭିନ୍ନ ଅଂଚଳରେ ଅନେକ ପେଟ୍ରୋଲ ଟାଙ୍କି ରହିଛି । ହେଲେବି ଜିଲ୍ଲାର ବିଭିନ୍ନ ଅଂଚଳରେ କିଛି ଅସାଧୁ ବ୍ୟବସାୟୀ ନିଜ ନିଜର ଦୋକାନ ସମ୍ମୁଖରେ ବେଆଇନ ଭାବେ ପେଟ୍ରୋଲ ଓ ଡିଜେଲ ଖୋଲା ଖୋଲି ବିକ୍ରି କରୁଛନ୍ତି । ପୋଲିସ କିମ୍ବା ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ନିରବ ଦ୍ରଷ୍ଟା ସାଜିଛନ୍ତି । ବେଆଇନ ଭାବେ ପେଟ୍ରୋଲ ଓ ଡିଜେର୍ଲ ବିକୁଥିବା ବ୍ୟବସାୟୀ ମାନଙ୍କ ବିରୁଦ୍ଧରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଯୋଗୁଁ ଏଭଳି ଅଗ୍ନିକାଣ୍ଡ ଘଟୁଥିବା ଅଂଚଳ ବାସୀ ଅଭିଯୋଗ କରିଛନ୍ତି ।ତେବେ ଯୋଗାଣ ବିଭାଗର ଅଧିକାରୀ ଓ ପୋଲିସ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାବାସୀ ଦାବୀ କରିଛନ୍ତି !

## ପୋଲିସ, ପ୍ରଶାସନ ଓ ପୌରନିର୍ବାହୀ ଅଧିକାରଙ୍କ ଉପସ୍ଥିତିରେ ହେଲା ସତ୍କାର୍ଯ୍ୟ

କନ୍ଧମାଳ,(ପିଏନ)-୨ କୋଭିଡ୍ ସନ୍ଦିଗ୍ଧଙ୍କର ଫୁଲବାଣୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେମାନଙ୍କ ମଧ୍ୟରୁ ଫୁଲବାଣୀ ଗଣେଷ ବଜାରର ଜଣେ ୭୫ ବର୍ଷିୟ ପୁରୁଷ ହୋଇଥିବାବେଳେ ଆଉ ଜଣେ ଅମଲାପଡା ଅଂଚଳର ଜଣେ ୮୦ ବର୍ଷର ମହିଳା ଅଟନ୍ତି । ତେବେ ସେମାନଙ୍କର ଶବ ସଂସ୍କାର ପାଇଁ ତାଙ୍କ ଆଖପାଖ ଅଂଚଳର କେହି ନଆସିବାରୁ କନ୍ଧମାଳ ଟିମ ହ୍ୟୁମାନିଟିକୁ ଜିଲ୍ଲା ପ୍ରଶାସସନ ତରଫରୁ ଏହି କାର୍ଯ୍ୟରେ ସହାୟତା ପାଇଁ ଅନୁରୋଧ କରାଯାଇଥିଲା । ଏଥିରେ ଟିମ ହ୍ୟୁମାନିଟିର ସଦସ୍ୟ ମାନେ ତୁରନ୍ତ ପ୍ରସ୍ତୁତ ହେବା ସହିତ ସଦସ୍ୟ ମାନେ କୋଭିଡ ହସପିଟାଲରେ ପହଂଚିବା ସହିତ ସମସ୍ତେ ପିପିଇ କିଟ୍ ପିନ୍ଧି ସ୍ଥାନୀୟ ଏଫ୍‌ସିଆଇ ଛକ ନିକଟରେ ଥିବା ଶ୍ମସାନରେ କୋଭିଡ ନିୟମ ଅନୁସାରେ ୨ଟି ଶବ ସଂସ୍କାର କରିଥିଲେ । ସେଠାରେ ଉଭୟ ମୃତକଙ୍କ ପରିବାରର ସ୍ୱଳ୍ପ ସମ୍ପର୍କୀୟଙ୍କ ସମେତ ପୋଲିସ ଜିଲ୍ଲା ପ୍ରଶାସନିକ ଅଧିକାରୀ ଫୁଲବାଣୀ ପୌରାଂଚଳର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ଏହି ଦୁଇଟି ଶବକୁ ସଂସ୍କାର କରାଯାଇଛି । ଟିମ ହ୍ୟୁମାନିଟିର ଏହି ମାନବିକତା ପୂର୍ଣ୍ଣ କାର୍ଯ୍ୟକୁ ଜିଲ୍ଲା ପ୍ରଶାସନ ସମେତ ଜିଲ୍ଲାର ବିଭିନ୍ନ ବୁଦ୍ଧିଜୀବି ମହଲରେ ପ୍ରଶଂସା କରାଯାଇଛି । ସୁଚା ଯୋଗ୍ୟ ଟିମ ହ୍ୟୁମାନିଟି ଗତ କଟି ଦିନ ହେଲା ଫୁଲବାଣୀ ସମେତ ସମଗ୍ର କନ୍ଧମାଳ ଜିଲ୍ଲାରେ ସଡକ ଦୁର୍ଘଟଣାର ଆହତ ମାନଙ୍କ ସହିତ ସ୍ନେକ ହେଲ୍ପଲାଇନ୍ ଜରିଆରେ ଲୋକଙ୍କ ଘରେ ପଶିଥିବା ସାପକୁ ଧରିବା ସହିତ ତାକୁ ନେଇ ସୁରକ୍ଷିତ ଭାବରେ ଜଙ୍ଗଲରେ ଛାଡିବା, ରକ୍ତଦାନ କ୍ଷେତ୍ରରେ କାର୍ଯ୍ୟ କରିବା ଭଳି ଅନ୍ୟାନ୍ୟ ସେମା ମୁଳକ କାର୍ଯ୍ୟରେ ଅସହାୟ ଲୋକଙ୍କୁ ସେବା ଦେଇ ଆସୁଛି । ତେବେ ଆଜିର ଏହି କାର୍ଯ୍ୟ ପାଇଁ ଟିମ ହ୍ୟୁମାନିଟିର ସଦସ୍ୟ ମାନଙ୍କୁ ଜିଲ୍ଲାର ସବୁ ସ୍ତରରୁ ପ୍ରଶଂସାର ସୁଅ ଛୁଟିଛି ।




# ସନ୍ଥକବି ଭୀମଭୋଇ



ଏକ ସମୟରେ ମହିମା ବା ଅଲେଖ ଧର୍ମ ଓଡ଼ିଆ ସାହିତ୍ୟ ଓ ଧାର୍ମିକ ସାମାଜିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଥିଲା। ସମାଜରେ ପ୍ରଚଳିତ ଜାତିଭେଦ, ପ୍ରତିମା ପୂଜା, ତେତିଶ କୋଟି ଦେବାଦେବୀଙ୍କ କଳ୍ପନା ଆରାଧନା ଓ ବାହ୍ୟ ଆଡ଼ମ୍ବରକୁ ଏହା ପ୍ରତ୍ୟାଖ୍ୟାନ କରିଥିଲା। ଏହି ଧର୍ମର ଅନ୍ୟତମ ମୁଖ୍ୟ ପୁରୋଧା ଥିଲେ ଗୃହୀ ଶିଷ୍ୟ ଭୀମ ଭୋଇ। ତାଙ୍କ ଅନୁଗାମୀମାନେ, ତାଙ୍କୁ ଅଯୋନିସଂଭୂତ ଭାବେ ଗ୍ରହଣ କରିଛନ୍ତି। ସେମାନଙ୍କ ଦୃଷ୍ଟିରେ ସେ ଭଗବାନଙ୍କ ଅବତାର ଏବଂ ଅଲେଖ ପୁତ୍ର। ସ୍ୱରଚିତ ସ୍ତୁତି ଚିନ୍ତାମଣିରେ ମଧ୍ୟ ସେ ଏହାର ସୂଚନା ଦେଇଛନ୍ତି ପିତା ଅଟନ୍ତି ମୋ ଅନାଦି ଠାକୁର, ମାତା ଆଦିଶକ୍ତି ନାରୀ, ଦୂତୀ ଯୁଗଳରୁ ଜନମ ଲଭିଛି, କବିକୃତ କଳା ଧରି। ପଞ୍ଚସଖା ଯୁଗର ପରମ ସାଧକ ଅଚ୍ୟୁତାନନ୍ଦ ଦାସ, ତାଙ୍କର ସଂହିତାମାନଙ୍କରେ ଲେଖିଛନ୍ତି, ରାଧା ମାନବ ରୂପ ଧାରଣ କରି କନ୍ଧ ଗୃହରେ ଜନ୍ମ ହେବେ। ଭୀମ ଭୋଇ ନିଜ ଇଛା ଅନୁସାରେ ନାରୀ ରୂପ ଧାରଣ କରିପାରୁଥିଲେ। ଏହା ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ସନ୍ଥକବି ଭୀମ ଭୋଇ ପୁସ୍ତକରେ ଉଲ୍ଲେଖିତ। ଥରେ ବାବା ଗଙ୍ଗାଧର ଦାସଙ୍କୁ ଜଙ୍ଗଲରେ ସେ ନାରୀ ରୂପ ଦେଖାଇଥିଲେ। ଅନାଦି ସଂହିତାରେ ଅଚ୍ୟୁତାନନ୍ଦ ଲେଖିଛନ୍ତି 'ଶୁଣଗୋ ସିଦ୍ଧଙ୍କ ବନିତା, ସେ ଭୀମସେନର କଥା। ପୂର୍ବେ ସେ ମହାଶୂନ୍ୟବାସୀ, ରାଧାଙ୍କ ଯେ ଅରୂପ ଅଂଶୀ'। ତାଙ୍କୁ ଏଭଳି ଚିତ୍ରଣ କରାଯାଇଥିବା ବେଳେ ସେ ଥିଲେ ଶ୍ରୀଜଗନ୍ନାଥ ଆରାଧନାର ତୀବ୍ର ବିରୋଧୀ। ପୁରୀରେ ଶ୍ରୀଜଗନ୍ନାଥ ପୂଜା ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। ମହିମା ଧର୍ମର ପ୍ରଚାର ପ୍ରସାରରେ ତାଙ୍କର ଭୂମିକା ଉଲ୍ଲେଖନୀୟ ଓ ପ୍ରାତଃ ସ୍ମରଣୀୟ। ତାଙ୍କ ଲେଖନୀ ମୁନରେ ସେ ଏହି ଧର୍ମ ବିଷୟରେ ଅନେକ କାଳଜୟୀ ରଜନା ସୃଷ୍ଟି କରିଛନ୍ତି। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ସେ କାହା ଠାରୁ ବିନ୍ଦୁର ସାହାଯ୍ୟ ବି ଚାହିଁ ନାହାଁନ୍ତି। ସରଳ, ନିଃସ୍ୱାର୍ଥପର ଓ ସମାଜ ସେବା ପାଇଁ ତାଙ୍କ ତମାମ ଜୀବନ ସମର୍ପିତ ଥିଲା। ଆଜିର ସମୟରେ ଭୀମଭୋଇଙ୍କ ପରି ସ୍ରଷ୍ଟା ଓ ଆଧ୍ୟାତ୍ମିକ ସାଧକ ଅତ୍ୟନ୍ତ ବିରଳ। ପ୍ରତିଟି ଶ୍ୱାସପ୍ରଶ୍ୱାସରେ ହିଁ ତାଙ୍କର ମହିମା ଚେତନାର ବାର୍ତ୍ତା ଓ ଭାବନା ରହିଥିଲା। ସେ ସମୟରେ ସେ ନିଜେ ଜଣେ ଗରିବ ହୋଇ ମଧ୍ୟ ଅନେକ ଅସହାୟ ଗରିବ ପରିବାର ପାଇଁ ସାହାଯ୍ୟର ହାତ ବଢ଼ାଇଥିଲେ। ତିଥି ଅନୁସାରେ ଭୀମ ଭୋଇ ବୈଶାଖ ପୂର୍ଣ୍ଣମୀରେ ତାରିଖ ଅନୁସାରେ (ମଇ ୧୦) ରେଢ଼ାଖୋଲର କଟାସିଙ୍ଗାରେ ଜନ୍ମ ହୋଇଥିବା ବିଶ୍ୱାସ କରାଯାଏ।

# ଆହ୍ୱାନ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ଉପ-ସଭାପତି ପାଣ୍ଡବ ଚରଣ ସାହୁଙ୍କ ଅଧକ୍ଷତାରେ ସନ୍ଧ୍ୟା ୬ ଘଟିକା ସମୟରେ ବିଶ୍ୱା ମାତୃଦିବସ ପାଳନ କରାଯାଇଥିଲା। ମା' ବିରଜା ଓ ଶ୍ରୀଜଗନ୍ନାଥଙ୍କ ଫଟୋ ଚିତ୍ରରେ ମୁଖ୍ୟ ଅତିଥି ପଣ୍ଡିତ ଭୂପତିଭୂଷଣ ମିଶ୍ର ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମାତୃ ଜାତି ଚିର ବନ୍ଦନୀୟା ଓ ମା' ମାନଙ୍କର ଋଣ କେହି କେବେ ସୁଝି ପାରିବେ ନାହିଁ ବୋଲି ଦୃଢ଼ତାର ସହ ପଣ୍ଡିତ ଶ୍ରୀ ମିଶ୍ର ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅଧିକାରୀ ନବକିଶୋର ଦାସ ଯୋଗଦେଇ ସତ୍ୟ, ଦ୍ୱାପର, ତ୍ରେତୟା ଏବଂ କଳିଯୁଗରେ ବିଶ୍ୱବିଦିତ ମହିୟସୀ ନାରୀ ମାନଙ୍କର ଉପାଖ୍ୟାନ ବର୍ଣ୍ଣନା କରିଥିଲେ। ମୁଖ୍ୟ ଉପଦେଷ୍ଟା ହୃଷୀକେଶ ପତି ଏବଂ ଉପଦେଷ୍ଟା ତପନ କୁମାର ମହାରଣ୍ୟ ଶର୍ମା ଓ ମନୋଜା ରାୟ, ସମ୍ମାନିତ ଅତିଥି ଭାବେ ଯୋଗଦେଇ ମାତୃଦିବସ ତାତ୍ପର୍ଯ୍ୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଦମୟନ୍ତୀ ସାହୁ, ସରସ୍ୱତୀ ପୃଷ୍ଟି ଏବଂ ଶାନ୍ତିଲତା ସାହୁ ପ୍ରମୁଖ ପୂଜା କରାଯିବା ସହ ସେମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସଂବର୍ଦ୍ଧିତ କରାଯାଇଥିଲା। ସଂପାଦକ ବିଶ୍ୱଜିତ ସାହୁ ସଂପାଦକୀୟ ବିବରଣୀ ଅତିଥି ପରିଚୟ ଏବଂ ସଂଗୀତ ଗାନ କରିଥିଲେ। ଏହି ଉତ୍ସବରେ ରଶ୍ମିକାନ୍ତ ପରିଡ଼ା ଓ ରଂଜିତା ପରିଡ଼ା ନୂତନ ଭାବେ ଆହ୍ୱାନରେ ଯୋଗଦେଇ ଶୁଭକାମନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜୁଶହା, ସୌମ୍ୟଜିତ ସାହୁ, ଜୟଦେବ ରାଉତ, ବୈଜୟନ୍ତୀ ବେହେର, ମହେଶ ମହାନ୍ତି, ସସ୍ମିତା ସାହୁ, ଶୁଭ୍ରଜିତ ସାହୁ, ରାଜେନ୍ଦ୍ର ସାହୁ ଓ ସାଇ ଓମ୍ ପ୍ରକାଶ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସହ ସଂପାଦକ ଅକ୍ଷୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

## ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ

ଖୋର୍ଦ୍ଧା (ପିଏନ୍)-ଜୀ ସାର୍ଥକର ନୂଆ ସିନେମା ଡ଼ିଟେକ୍ଟିଭ୍ କରନ୍-ଅର୍ଜୁନର ଅଡ଼ିଓ ରିଲିଜ ହୋଇଯାଇଛି। ଫିଲିମରେ ତିନୋଟି ଗୀତ ରହିଥିବା ବେଳେ ଏଥିରେ ଡ଼କ୍ଟର ନିର୍ମଳ ନାୟକ ଓ ଅଭିଜିତ୍ ମଜୁମଦାରଙ୍କ ଜୋଡ଼ି ପୁଣି ଥରେ ଦେଖିବାକୁ ମିଳିବ। ଯେଉଁଥିରେ ଭାଉଜ ଓ ଭାଉଜ ଗୀତଟି ମାର୍କେଟରେ ଚହଳ ସୃଷ୍ଟି କରିବ ବୋଲି ଜୀ ସାର୍ଥକ ଆଶା ପ୍ରକଟ କରିଛି। ଏହି ଗୀତକୁ ନିଜେ ପପୁ ପମ୍‌ପମ୍ ଗାଇଥିବା ବେଳେ ତାଙ୍କ ସହ ଗାଇଛନ୍ତି ସ୍ମୃତି ସେହିପରି ଏକ ଦୋ ତିନି ଚାର, ଚାରିଆଡ଼େ ଦିଶୁଛି ମୋ ପ୍ୟାର। ଗୀତକୁ ଗାଇଛନ୍ତି ଅଭିଜିଦ ମଜୁମଦାର ଓ ସଂଜୁ। ଛାଡ଼ରେ ସାଙ୍ଗ ଗନ୍ଧିଆ କଥା ଗୀତକୁ ଈଶ୍ୱରୀ ଗାଇଛନ୍ତି। ସମସ୍ତ ଗୀତକୁ ଡ଼କ୍ଟର ନିର୍ମଳ ନାୟକ ଲେଖିଥିବା ବେଳେ ସଂଗୀତରେ ସଜାଇଛନ୍ତି ଅଭିଜିତ୍ ମଜୁମଦାର ସବୁତକ ଗୀତ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ପୁରାଟିମ୍ ଆଶାବାଦୀ। ଆସନ୍ତା ୧୫ ତାରିଖ ସନ୍ଧ୍ୟା ୬ଟା ୩୦ମି.ରେ ଏହି ମୁଭିଟି ଜୀସାର୍ଥକରେ ରିଲିଜ ହେବ। କିନ୍ତୁ ତା ପୂର୍ବରୁ ଅଡ଼ିଓ ରିଲିଜ୍ କରିବାର ପରମ୍ପରା ଆରମ୍ଭ କରିଛି ଜୀ ସାର୍ଥକ। ଓଲିଉଡ଼ରେ ନୂଆ ମାଇଲ ଷ୍ଟୋନ ତିଆରି କରିପାରିଛି। ଜୀ ସାର୍ଥକ ଫିଲିମ୍ ଓ ଲିପ୍ସା ପ୍ରଡ଼କ୍ସନ ବ୍ୟାନରରେ ନିର୍ମାଣ ହେଉଛି ନୂଆ ସିନେମା ଡ଼ିଟେକ୍ଟିଭ୍ କରନ ଅର୍ଜୁନ ଏହି ଚଳଚିତ୍ରରେ ନୂଆ ଅବତାରରେ କମେଡ଼ି କିଂ ପପୁ ପମ୍‌ପମ୍‌କୁ ଦେଖିବାକୁ ମିଳିବ। ତାଙ୍କ ସହ ପ୍ରଜ୍ଞା ଖଟୁଆଙ୍କ ଦମ୍‌ଦାର ଅଭିନୟର ମଜା ପାଇବେ ଦର୍ଶକ। ଉଭୟ ପପୁ ଓ ପ୍ରଜ୍ଞା କରନ ଅର୍ଜୁନ ଭୂମିକାରେ ଅଭିନୟ କରୁଛନ୍ତି। ସେହିପରି ନାୟିକା ସାଜିଛନ୍ତି ଅଭିନେତ୍ରୀ ପ୍ରୀୟଙ୍କା ମହାନ୍ତି, ପ୍ରିୟଙ୍କା ମହାପାତ୍ର ଓ ଲିପସା ମିଶ୍ର ଅନ୍ୟମାନଙ୍କ ମଧ୍ୟରେ ଟୁକୁନା, ପ୍ରଜ୍ଞା ମହାନ୍ତି, ଜୀବନ ପଣ୍ଡା, କୁନା ତ୍ରୀପାଠୀ, ହାଡ୍ଡୁ, ଅରବିନ୍ଦ ଷଡଙ୍ଗୀ, ରାଜିବ, କାଳୀ, ମନୋଜ, ସୁଶା, ଦିଗ୍‌ବିଜୟ, ସୁମିତ ଓ ସଂଗ୍ରାମ ପ୍ରମୁଖ ଅଭିନୟ କରିଛନ୍ତି। ପପୁ ପମ୍‌ପମ୍ ନିଜେ ସିନେମାର କାହାଣୀ ଲେଖିଥିବା ବେଳେ ଅଶ୍ୱିନି ଗଡ଼ନାୟକ ନିର୍ଦ୍ଦେଶନା ଦେଇଛନ୍ତି। ଏହାର ସଂଳାପ ଲେଖିଛନ୍ତି ଟୁକୁନା। ଚଳଚିତ୍ରର କାହାଣୀ ସହ ସଂଗୀତ ମଧ୍ୟ ଲୋକାଦୃତ ହୋଇପାରିବ ବୋଲି ଜୀ ସାର୍ଥକ ପକ୍ଷରୁ ଆଶା ପ୍ରକଟ କରାଯାଇଛି।

# ମା' ରାମଚଣ୍ଡୀଙ୍କ ପୀଠରେ ହାଣ୍ଡିଭଙ୍ଗା ଯାତ



ପ୍ରାଚୀନ ଅର୍କକ୍ଷେତ୍ରର ରକ୍ଷାକର୍ତ୍ତ୍ରୀ ଅଷ୍ଟଚଣ୍ଡୀଙ୍କ ମଧ୍ୟରେ ମା' ରାମଚଣ୍ଡୀ ହେଉଛନ୍ତି ଶ୍ରେଷ୍ଠ ତଥା ଅଧିଷ୍ଠାତ୍ରୀ ଦେବୀ । ମା' ରାମଚଣ୍ଡୀଙ୍କ ଅବସ୍ଥିତି ଓ ମାହାତ୍ମ୍ୟ ସଂପର୍କରେ ମାଦଳା ପାଞ୍ଜି, ସାରଳା ମହାଭାରତ, ପ୍ରାଚୀ ମାହାତ୍ମ୍ୟ, ପୁରୁଷୋତ୍ତମ ମାହାତ୍ମ୍ୟ, ତଥା ବିଭିନ୍ନ ଐତିହାସିକ ବିବରଣୀରୁ ସୂଚନା ମିଳେ। ଏତଦ୍‌ବ୍ୟତିତ ଲୋକମୁଖରେ ମା'ଙ୍କ ସଂପର୍କରେ ଅନେକ କିମ୍ବଦନ୍ତୀ ମଧ୍ୟ ଶୁଣିବାକୁ ମିଳେ । ମା'ଙ୍କ ପୀଠରେ ବର୍ଷତମାମ ପାଳନ କରାଯାଉଥିବା ବିଭିନ୍ନ ପର୍ବପର୍ବାଣୀଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ଓ ନିଆରା ପର୍ବ ହେଉଛି ହାଣ୍ଡିଭଙ୍ଗା ଯାତ। ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ଏହି ପର୍ବ ପାଳନ କରାଯାଇଥାଏ । ଏହା ଓଡ଼ିଆଣୀ କୁଳବଧୂମାନଙ୍କର ଏକ ନିଆରା ପର୍ବ । କାହିଁ କେଉଁ କାଳରୁ ପୁରୁଷାନୁକ୍ରମେ ଖାଲକଟାପାଟଣା ଓ ଟିକନା ଗ୍ରାମର କୂଳବଧୂମାନେ ନିଜ ପରିବାରର ଶୁଭ ମନାସି ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତକୁ ମହାଆଡ଼ମ୍ବରରେ ପାଳନ କରିଥାନ୍ତି । ଘଞ୍ଚ ଜଙ୍ଗଲ ଓ ସମୁଦ୍ରକୂଳରେ ଏହି ଦୁଇଟି ଗ୍ରାମର ଅବସ୍ଥିତି ଥିବାରୁ ଜଙ୍ଗଲି ଜୀବଜନ୍ତୁଙ୍କ ଆକ୍ରମଣ ଓ ସମୁଦ୍ର ମାଡ଼ି ନ ଆସିବା ପାଇଁ ଗ୍ରାମର କୂଳବଧୂମାନେ ମା' ରାମଚଣ୍ଡୀଙ୍କ ନିକଟରେ ହାଣ୍ଡିଭଙ୍ଗାଯାତକୁ



ପୁରୁଷାନୁକ୍ରମେ ପାଳନ କରି ଆଶୁଛନ୍ତି ।

ବୈଶାଖ ମାସ ଶୁକ୍ଳ ପକ୍ଷ ଶେଷ ଗୁରୁବାର ଦିନ ମା'ଙ୍କ ପୀଠରେ ଏହି ନିଆରା ପର୍ବ ହାଣ୍ଡିଭଙ୍ଗା ଯାତ ଧୁମଧାମରେ ପାଳିତ ହୋଇଥାଏ । ମା'ଙ୍କ ପୀଠ ସଂଲଗ୍ନ ଟିକନା ଓ ଖାଲକଟାପାଟଣା ଗ୍ରାମର କୁଳବଧୂମାନେ ଏହି ପବିତ୍ର ଦିନରେ ଉପବାସ ବ୍ରତ ପାଳନ କରି ଏକତ୍ର ହୁଳହୁଳି ପକାଇ ଗ୍ରାମରୁ ବାହାରିଥାନ୍ତି । ମା' ରାମଚଣ୍ଡୀଙ୍କ ନିମନ୍ତେ କୁଳବଧୂମାନେ ଗାଧୁଆ ସଜ ଧରି ପବିତ୍ର ପୀଠରେ ପହଞ୍ଚିବା ପରେ ମା'ଙ୍କ ପୂଜକ ଗାଧୁଆ ନୀତି ସମ୍ପନ୍ନ କରିଥାନ୍ତି । ପ୍ରତ୍ୟେକ ମହିଳା ପରିଧାନ କରିଥିବା ନୂଆ ଲୁଗା କାନିରେ ବାନ୍ଧି ଆଣିଥାନ୍ତି ହାଣ୍ଡିରନ୍ଧା ସାମଗ୍ରୀ । ମା'ଙ୍କ ମନ୍ଦିର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଥିବା ହାଣ୍ଡିରନ୍ଧା ଚୁଲାରେ ସମୂହ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ ହୋଇଥାଏ। ମନ୍ଦିରର ପୂଜକ ଓ ମାଳି ମା'ଙ୍କ ରୋଷଘର ଚୁଲାରୁ ଅଗ୍ନୀ ଆଣି ପ୍ରତ୍ୟେକ ମହିଳାଙ୍କ ଚୁଲିରେ ଅଗ୍ନୀ ସଂଯୋଗ କରିବା ସହିତ ଖୀରିକୋଲି ଡାଙ୍ଗରେ ପ୍ରସ୍ତୁତ



ଚଟୁ ଯୋଗାଇ ଦେବାପରେ ମହିଳାମାନେ ହାଣ୍ଡିରନ୍ଧା କାର୍ଯ୍ୟ ଆରମ୍ଭ କରିଥାନ୍ତି । ମହିଳାମାନେ ଘରୁ ଆଣିଥିବା ଅରୁଆଚାଉଳ, ମୁଗ, ଚିନି, ଘିଅ ଓ ପରିବାକୁ ମିଶାଇ ନୂଆ ମାଟିହାଣ୍ଡିରେ ଖେଚୁଡ଼ି ପ୍ରସ୍ତୁତ କରିଥାନ୍ତି । ଏହି ସମୟରେ ମା'ଙ୍କ ରୋଷେଇଘରେ ପୂଜକ ମଧ୍ୟ ନୂଆ ମାଟିହାଣ୍ଡିରେ ଅନୁରୂପଭାବେ ଖେଚୁଡ଼ି ପ୍ରସ୍ତୁତ କରିବାପରେ ମା'ଙ୍କ ନିକଟରେ ଭୋଗ ଲଗାଇଥାନ୍ତି । ଏହାପରେ ହାଣ୍ଡିରନ୍ଧା ଖେଚୁଡ଼ିକୁ ପୂଜକ ଓ ମହିଳାମାନେ କଦଳୀ ପତ୍ରରେ ବାଢିଥାନ୍ତି । ଖେଚୁଡ଼ିର ସିଂହଭାଗ ଅଂଶକୁ ଦୁଇଟି ବାଟୁଳା କରି ବାଘ ଓ ବାଘୁଣୀଙ୍କ ନିମନ୍ତେ ହାଣ୍ଡିରେ ରଖିବା ପରେ ଅବଶିଷ୍ଟ ଖେଚୁଡ଼ିକୁ ସେବନ କରି ବଳକା ଖେଚୁଡ଼ି ହାଣ୍ଡିକୁ ଧରି ପୂଜକ ହାଣ୍ଡିଭଙ୍ଗା ବନ୍ତ ଅଭିମୁଖେ ଆଗେ ଆଗେ ଯିବା ବେଳେ ମହିଳାମାନେ ନିଜ ନିଜ ହାଣ୍ଡିକୁ ଧରି ନୀରବତା ଅବଲମ୍ବନ କରି ତାଙ୍କୁ ଅନୁସରଣ କରିଥାନ୍ତି । ମା'ଙ୍କ ମନ୍ଦିରର ପଶ୍ଚିମ-ଉତ୍ତର କୋଣର ୨୦୦ମିଟର ଦୂରରେ ଥିବା ହାଣ୍ଡିଭଙ୍ଗା ବନ୍ତରେ ପହଞ୍ଚି



ଏହି ବନ୍ତକୁ ସାତଥର ପ୍ରଦିକ୍ଷଣ କରିବା ପରେ ବନ୍ତ ଚୂଡ଼ାରେ ଥିବା ଶିଳା ଉପରେ ହାଣ୍ଡିକୁ କଚାଡ଼ି ଭାଙ୍ଗିଥାନ୍ତି । ଏହାପରେ ମହିଳାମାନେ ଏକମୁହାଁ ହୋଇ ୩୦୦ ମିଟର ଦୂରରେ ଥିବା ହାତଧୁଆ ଝରଣାରେ ହାତ ଧୋଇ



ଗ୍ରାମଦେବତୀ ଖାଲକୋଠୀଙ୍କୁ ମୁଣ୍ଡିଆମାରୀ ଘରକୁ ଫେରିଥାନ୍ତି । ଯେଉଁ ମହିଳାଙ୍କ ହାଣ୍ଡିର ମୁଣ୍ଡୁଳି ଭାଙ୍ଗିନଥାଏ ସଂପୃକ୍ତ ମହିଳା ନିଜ ପରିବାରରେ କୌଣସି ଅମଙ୍ଗଳ ନ ହେବା ପାଇଁ ରିଷ୍ଟ ଖଣ୍ଡନ ଉଦ୍ଦେଶ୍ୟରେ ଶୁକ୍ରବାର ପ୍ରତ୍ୟୁଷରେ ମା'ଙ୍କ ପାଖରେ ଗୁହାରିଆ ପଡ଼ିବାର ବିଧି ରହିଛି ।

ଏହି ଅବସରରେ ବିଶ୍ୱ ଶାନ୍ତି ନିମନ୍ତେ ମା'ଙ୍କ ନିକଟରେ ହାଣ୍ଡିଭଙ୍ଗା ଯାତର ଦୁଇଦିନ ପୂର୍ବରୁ ତ୍ରିଦିବସୀୟ ଚଣ୍ଡୀମହାଯଜ୍ଞ ଆୟୋଜିତ ହୋଇଥାଏ । ହାଣ୍ଡିଭଙ୍ଗା ଯାତ ଦିନ ପ୍ରତ୍ୟୁଷରେ ମା' ରାମଚଣ୍ଡୀଙ୍କୁ ମହାଲକ୍ଷ୍ମୀ ବେଶରେ ସଜାଯାଇ ପୂଜାର୍ଚ୍ଚନା କରାଯାଇଥାଏ । ସକାଳ ମଙ୍ଗଳ ଆଳତି ଓ ରାତିରେ ବଡ଼ସିଂହାର ଧୂପ ଆଳତିକୁ ମିଶାଇ ମାଆଙ୍କ ନିକଟରେ ମୋଟ ୫ ଥର ଆଳତି କରାଯାଇଥାଏ । ମା'ରାମଚଣ୍ଡୀଙ୍କର ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ ଦିନତମାମ ଲାଗିରହିଥାଏ । ଏହି ଅବସରରେ ଆୟୋଜକଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଭା ଅନୁଷ୍ଠିତ ହୋଇଥାଏ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ସହାୟତାରେ ମା' ରାମଚଣ୍ଡୀ ଉନ୍ନୟନ କମିଟି, ମା' ରାମଚଣ୍ଡୀ ବଜାର କମିଟିର ସମସ୍ତ ସଦସ୍ୟ ପରିଚାଳନା କରିଥାନ୍ତି ।

ଏଠାରେ ସୂଚନା ଥାଉକି ୨୦୧୯ ମସିହାରେ ସାମଦ୍ରିକ ଝଡ ଫନି ଓ ୨୦୨୦ ଏବଂ ୨୦୨୧ ମସିହାରେ ମହାମାରୀ କରୋନା ପାଇଁ ମା'ଙ୍କ ପୀଠରେ ଜାକଜମକରେ ପାଳନ ହୋଇପାରି ନଥିଲା ହଣ୍ଡିଭଙ୍ଗା ଯାତ । କେବଳ ପରମ୍ପରା ରକ୍ଷା କରାଯାଇଥିଲା । ଚଳିତ



ବର୍ଷ ୧୦ତାରିଖରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ବିଶ୍ୱ ଶାନ୍ତି ମହାଯଜ୍ଞ ବୈଶାଖ ମାସ ଶେଷ ଗୁରୁବାର ୧୨ତାରିଖରେ ଉଦଯାପିତ ହେବ। ଏହି ଅବସରରେ ୧୦ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ୧୦ ତାରିଖ ଚଣ୍ଡୀ ମହାଯଜ୍ଞ ଓ ସନ୍ଧ୍ୟା ୬ଟାରେ ଖାଲକଟାପାଟଣା ଗ୍ରାମର ମା' ଜାଗେଶ୍ୱରୀ ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ କରାଯିବ । ୧୧ ତାରିଖ ସନ୍ଧ୍ୟା ୬ଟାରେ କଟକ ବାଦାମବାଡ଼ିର ମା' ସାରଳା ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ ଏବଂ ରାତ୍ର ୧୦ଟାରେ ନୟାଗଡ ବୁଢିଆଳିର ରଘୁନାଥ ଜିୟୁ ରାମନାଚ ସଂସଦ ପକ୍ଷରୁ ଲବକୁଶ ଜନ୍ମ



ପରିବେଷଣ କରାଯିବ। ୧୨ ତାରିଖ ଗୁରୁବାର ମା' ରାମଚଣ୍ଡୀଙ୍କ ମହାଲକ୍ଷ୍ମୀ ବେଶ ଓ ହାଣ୍ଡିଭଙ୍ଗା ଯାତ, ଚଣ୍ଡୀ ମହାଯଜ୍ଞର ପୂର୍ଣ୍ଣାହୁତି, ସନ୍ଧ୍ୟା ୬ଘଟିକା ମା' ଖଣ୍ଡୁଆଳି ମହିଳା ସଂକୀର୍ତ୍ତନ ମଣ୍ଡଳି ପକ୍ଷରୁ ସଂକୀର୍ତ୍ତନ ପରିବେଷଣ, ସନ୍ଧ୍ୟା ୭ଟାରେ ଓଡିଶୀ ସଂକୀର୍ତ୍ତନ ପରିବେଷଣ, ରାତ୍ର ୮ଟାରେ ସାଧାରଣ ସଭା ଓ ରାତ୍ର ୯ଟାରେ



ନୟାଗଡ ପୁଆଣିଆର ମା' ବ୍ରହ୍ମଣ ଦେବୀ ରାମନାଚ ସଂସଦ ପକ୍ଷରୁ ଲକ୍ଷ୍ମଣ ଶକ୍ତି ଭେଦ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ସୁବାସ ପ୍ରଧାନ, କାର୍ତ୍ତିକ ଚନ୍ଦ୍ର ବେହେରା, ଲୋକନାଥ ନାୟକ, ନରେନ୍ଦ୍ର ପରିଡା, ଚନ୍ଦ୍ରନ ବେହେରା, ଅନିଲ ନାୟକ, ସଦାଶିବ



ନାୟକ, ରବିନ୍ଦ୍ର ଦାସ, ସନାତନ ବେହେରା, ପ୍ରକାଶ ବେହେରା, ରାମଚନ୍ଦ୍ର ନାୟକ, ସନାତନ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Friday May 23 ଭୁବନେଶ୍ୱର ଶୁକ୍ରବାର, ୨୩, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ସାଇ ବିଜ୍ଞାନ ଏକାଡେମୀର ଶତପ୍ରତିଶତ ସଫଳତା

ଭଦ୍ରକ,(ପି.ଏନ): ଭଦ୍ରକ ଭଲେଜ ରୋଡ଼ସ୍ଥିତ ସାଇ ବିଜ୍ଞାନ ଏକାଡେମୀର ଛାତ୍ରଛାତ୍ରୀମାନେ ଚଳିତ ବର୍ଷର +୨ ବିଜ୍ଞାନ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଅନୁଷ୍ଠାନର ସମୁଦାୟ ୩୫ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୩୨ ଜଣ ପ୍ରଥମ ଶ୍ରେଣୀରେ ଓ ୩ ଜଣ ଦ୍ୱିତୀୟ ଶ୍ରେଣୀରେ ଉ 1 ହୋଇଛନ୍ତି। ସେଥି ମଧ୍ୟରୁ ଜ୍ଞାନ ଜ୍ୟୋତି ଜେନା ୫୪୮ ଓ କ୍ରିଷ୍ଣା ପି. ପରିଡ଼ା ୫୪୩ ନମ୍ବର ରଖି ଭଦ୍ରକ ଜିଲ୍ଲାର ଶ୍ରେଷ୍ଠ ଦଶ ଜଣ ମେଧାବୀଙ୍କ ମଧ୍ୟରେ ଯଥାକ୍ରମେ ୪ର୍ଥ ଓ ୭ମ ସ୍ଥାନ ହାସଲ କରିଛନ୍ତି। ଛାତ୍ରଛାତ୍ରୀଙ୍କର ଏତାଦୃଶ ସଫଳତାରେ ସମସ୍ତ ଅଭିଭାବକ/ ଅଭିଭାବିକା, ଅଧ୍ୟାପକ/ ଅଧ୍ୟାପିକ ନିଜର ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ବିଦ୍ୟାର୍ଥୀମାନେ ମଧ ସେମାନଙ୍କ ସଫଳତାର ଶ୍ରେୟ ଅନୁଷ୍ଠାନର ଯତ୍ନ ଓ ନିଜର ଅଧ୍ୟବସାୟକୁ



ଦେଇଛନ୍ତି। ଭଦ୍ରକର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଆଗାମୀ ଦିନରେ ମଧ ଏହା ନିଜର ଗୌରବ ଅକ୍ଷୁର୍ଣ୍ଣ ରଖିବ ବୋଲି ଅନୁଷ୍ଠାନର ନିର୍ଦ୍ଦେଶିକା ପୁଷ୍ପମିତ୍ରା ବେହେରା ଓ ଶୁଭେଚ୍ଛୁ ମାଧବ ଚନ୍ଦ୍ର ଜେନା ଜଣାଇଛନ୍ତି।

# ବିବିଏମଏସର ବାର୍ଷିକ ସମ୍ମିଳନୀ : ପୁନର୍ବାର ରାକେଶ ପଟ୍ଟନାୟକ ସଭାପତି ଓ ଶ୍ରୀକାନ୍ତ ରାୟ ସାଧାରଣ ସମ୍ପାଦକ

ପାରାଦୀପ,(ପି.ଏନ): ଭାରତୀୟ ବନ୍ଦର ମଜଦୁର ସଙ୍ଘ (ବିବିଏମଏସ) ର ବାର୍ଷିକ ସମ୍ମିଳନୀ ମଧୁବନ ସ୍ଥିତ ସଙ୍ଘ କାର୍ଯ୍ୟାଳୟ ପରିସରରେ ବୁଧବାର ସନ୍ଧ୍ୟାରେ ସମାରୋହରେ ପାଳିତ ହୋଯାଇଛି କ୍ଷ ସଂଘର ସଭାପତି ରାକେଶ ପଟ୍ଟନାୟକ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଏଏସ ର ସର୍ବ ଭାରତୀୟ ସଭାପତି, ପାରାଦୀପ ବିବିଏମଏସ ର ସାଧାରଣ ସମ୍ପାଦକ ତଥା ପାରାଦୀପ ବନ୍ଦର ଟ୍ରଷ୍ଟି ଶ୍ରୀକାନ୍ତ ରାୟ ଶ୍ରମିକ ମାନଙ୍କ ବିଭିନ୍ନ ସମସ୍ୟାର ଓ ଏହାର ସମାଧାନ ଦିଗରେ ନିଜର ବକ୍ତବ୍ୟ ରଖିଥିଲେ । ପାରାଦ୍ୱୀପ ବନ୍ଦର ରେ ଶ୍ରମିକ ମାନଙ୍କ ଠାରୁ ୟୁନିୟନ ସଂଖ୍ୟା ଏତେ ମାତ୍ରା ରେ ଥିଲାବେଳେ ଅନ୍ୟ କୌଣସି ବନ୍ଦର ରେ ଦେଖିବାକୁ ମିଳେ ନାହିଁ । ଅନ୍ୟ କୌଣସି ବନ୍ଦରରେ କଣ୍ଟ୍ରାକ୍ଟ ୱାର୍କର୍ସ ମାନଙ୍କୁ ସୁବିଧା ସୁଯୋଗ ମିଳି ନଥିଲାବେଳେ କେବଳ ଦୁଇଟି ବନ୍ଦର ରେ କଣ୍ଟ୍ରାକ୍ଟ ୱାର୍କର୍ସ ମାନଙ୍କୁ ସୁବିଧା ସୁଯୋଗ ମିଳିଛି ବୋଲି ଶ୍ରୀ ରାୟ କହିବାସହ ଖାଲି ପାରାଦ୍ୱୀପ ବନ୍ଦର ଶ୍ରମିକ ମାନଙ୍କ ସମସ୍ୟା ନୁହଁ ବରଂ ସର୍ବଭାରତୀୟ ସ୍ତରରେ ଶ୍ରମିକ ମାନଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ନିଜ ବିବୃତିରେ ଶ୍ରୀ ରାୟ କହିଥିଲେ । ଯେଉଁମାନେ ଶ୍ରମିକ ମାନଙ୍କୁ ଆଗକୁ ଆଣି ଶ୍ରମିକ ନେତା ବୋଲାଉଛନ୍ତି ସେମାନଙ୍କୁ ସେ ଘୃଣା ଚକ୍ଷୁ ରେ ଦେଖନ୍ତି ବୋଲି କହି ଶ୍ରମିକ ମାନଙ୍କ ସମସ୍ୟା ର ସମାଧାନ ପାଇଁ ହେଉଥିବା ଆନ୍ଦୋଳନ ରେ ୟୁନିୟନ ର ସମ୍ପାଦକ ଏବଂ ସଭାପତି ଯଦି ଧାରଣା ରେ ବସିବେ ତେବେ ତାଙ୍କ ସଙ୍ଘ ସମର୍ଥନ ଜଣାଇବ ନଚେତ ମୁହଁ ଫେରାଇ ନେବେ ବୋଲି ଶ୍ରୀ ରାୟ କହିଥିଲେ । ତେବେ ଏହି ସମ୍ମିଳନୀରେ ଚଳିତ ଦୁଇବର୍ଷ ପାଇଁ ସଂଘର କାର୍ଯ୍ୟକର୍ତ୍ତା ମାନଙ୍କ ନାମ ଘୋଷଣା କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସଂଘର ସଭାପତି ଭାବେ ରାକେଶ କୁମାର ପଟ୍ଟନାୟକ ଓ ସାଧାରଣ ସମ୍ପାଦକ ଭାବେ ଶ୍ରୀକାନ୍ତ ରାୟ ପୁନର୍ବାର ମନୋନୀତ ହୋଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ହଟ କିଶୋର ସେଠୀ, ଉପସଭାପତି ଭାବେ ଦେବୀପ୍ରସନ୍ନ ମାଝୀ, ସଞ୍ଜୟିତା ରାଉତରାୟ, ରଞ୍ଜିତ କୁମାର ମଲ୍ଲିକ, ରମାକାନ୍ତ ନାୟକ, ସହ ସାଧାରଣ ସମ୍ପାଦକ ଭାବେ ସାରଦା ପ୍ରସନ୍ନ ଦାସ, ମହେନ୍ଦ୍ର କୁମାର ନାୟକ, ସଂଗଠନ ସମ୍ପାଦକ ଭାବେ ଭବେନ୍ଦ୍ର ଦାଶ,ସୋମନାଥସ୍ୱାଇଁ, ସମ୍ପାଦକ ଭାବେ ବିଶ୍ୱଜିତ ମହାପାତ୍ର, ବାବର ବେହେରା, ପବିତ୍ର ପ୍ରସାଦ ସିଂହ, ବିରଞ୍ଚି ନାରାୟଣ ମହାପାତ୍ର, କୋଷାଧ୍ୟକ୍ଷ ଭାବେ କୀର୍ତ୍ତି ଚନ୍ଦ୍ର ଦାଶ, ସ୍ମୃତି ରଞ୍ଜନ ତ୍ରିପାଠୀ ଭାବେ ମନୋନୀତ ହୋଇଥିବା ବେଳେ ବିକ୍ରମ ପରିଡା, ପି.କେ.ଜେନା, ମିତନ ତରାଇ, ପଲୁ ସୋରେନ, ପ୍ରଦୀପ କୁମାର ମଲ୍ଲିକ, ପ୍ରଶାନ୍ତ କୁମାର ପ୍ରଧାନ, ମୁରଲୀଧର ବେହେରା, ସୁକାନ୍ତ କୁମାର ପ୍ରଧାନ, ନିତ୍ୟାନନ୍ଦ ସାହୁ, ଟି.କେ.ମହାପାତ୍ର, ଜ୍ୟୋତି ରଞ୍ଜନ ସ୍ୱାଇଁ, ଅବକାଶ ନାୟକ, ଦୁର୍ମୁଲ୍ୟ ମହାରାଜା, ଉଗ୍ରସେନ ନାୟକ, ବନମାଳୀ ସ୍ୱାଇଁ ପ୍ରମୁଖ ସର୍ବସମ୍ମତିକ୍ରମେ କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି ।

# ମେ ୨୩ ରେ ତାଳଚେର ରେ କେନ୍ଦ୍ରୀୟ ବିଦ୍ୟାଳୟର ଉଦଘାଟନ ସହ ପରାକ୍ରମ ଶୋଭାଯାତ୍ରାରେ ଯୋଗଦେବେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ତାଳଚେର,(ପି.ଏନ): ତାଳଚେର ବାସୀ ଙ୍କର ବହୁ ଦିନର ଆଶା ପୂରଣ ହେବା ପାଇଁ ଯାଉଛି, ଆସନ୍ତା ମେ ୨୩ ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଳଚେର ରେ ଆଉ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ର ଉଦଘାଟନ କରିବେ ।ତାଳଚେର ପୁରୁଣା ଯୁବରାଜ ହାଇସ୍କୁଲ ଠାରେ କେନ୍ଦ୍ରୀୟ ବିଦ୍ୟାଳୟ ର ସ୍ଥାୟୀ କ୍ୟାମ୍ପସ ର ଶିଳାନ୍ୟାସ କରିବା ସହ ତାଳଚେର କଲେଜ ରେ ଅସ୍ଥାୟୀ କ୍ୟାମ୍ପସ ର ଉଦଘାଟନ କରିବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।ପୂର୍ବରୁ ବିଜେଡି ସରକାର ଚକ୍ରାନ୍ତ କରି କେନ୍ଦ୍ରୀୟ ବିଦ୍ୟାଳୟ କରାଇ ଦେଉନଥିଲା । ଆଜି ଡବଲ ଇଂଜିନ ସରକାର ଆସିବା ପରେ ଏ ମାଟିର ଗର୍ବ ଗୌରବ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଦେଇଥିବା ପ୍ରତିଶୃତି ଆଜି ପାଳନ କରିଛନ୍ତି ।କେନ୍ଦ୍ରମନ୍ତ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଉଦଘାଟନ କରିବା ପରେ ତାଳଚେର କଲେଜ ପଡିଆ ରେ ଏକ ସାଧାରଣ ସଭାରେ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି । ପରେ ସେଠାରୁ ଅପରେସନ ସିନ୍ଦୂର କୁ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ



ଓ ଭାରତୀୟ ସେନା କୁ ଗୌରବା ନ୍ୱିତ କରିବା ଉଦ୍ଦେଶ୍ୟ ରେ ଏକ ବିରାଟ ପରାକ୍ରମ ଶୋଭାଯାତ୍ରା ରେ ତ୍ରିରଙ୍ଗା ଧରି ସହର ପରିକ୍ରମା କରି ହାଟତୋଟା ଉପ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଥିବା ସହିଦ ସ୍ତମ୍ଭ ଠାରେ ସମ୍ମାନ ଜଣାଇବେ କେନ୍ଦ୍ରମନ୍ତ୍ରୀ । ଉକ୍ତ କାର୍ଯ୍ୟକ୍ରମ ପାଇଁ ତାଳଚେର ବିଜେପି ପକ୍ଷରୁ ଜିଲ୍ଲା ସଭାପତି ଯଯାତି ପଟ୍ଟନାୟକ ଙ୍କ ସଭାପତିତ୍ୱ ରେ ଏକ ପ୍ରସ୍ତୁତି ବୈଠକ ଆଜି ବୁଧବାର ମଙ୍ଗଳମ କ୍ଲବ ଠାରେ ଅନୁଷ୍ଠିତ ହୋଇଯାଇଛି ।ସମସ୍ତ ବୁଥ ସ୍ତରରୁ କାର୍ଯ୍ୟକର୍ତ୍ତା ମାନେ କେନ୍ଦ୍ରମନ୍ତ୍ରୀ ଙ୍କୁ ସ୍ୱାଗତ କରିବା ପାଇଁ ଯୋଗଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ହଜାର ହଜାର ସଂଖ୍ୟାରେ ବିଭୀଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ମାନେ କେନ୍ଦ୍ରମନ୍ତ୍ରୀ ଙ୍କ କାର୍ଯ୍ୟକ୍ରମ ରେ ଯୋଗଦେବାକୁ ରୂପରେଖ ପ୍ରସ୍ତୁତ କରାଯାଇଥିଲା ।ବିଧାନସଭା ସଂଯୋଜକ ରତ୍ନାକର ସାହୁ ଙ୍କ ସଂଯୋଜନା ରେ ଅନୁଷ୍ଠିତ ଉକ୍ତ ପ୍ରସ୍ତୁତି ବୈଠକ ରେ ବରିଷ୍ଠ ନେତା ବିରଞ୍ଚି ପାଣି, ଚୈତନ୍ୟ ପ୍ରଧାନ, ଜୋନାଲ ମିଡ଼ିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ଲୋକନାଥ ସାହୁ ପ୍ରମୁଖ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ ।ବୃନ୍ଦାବନ ବେହେରା, ,ବରୁଣ ସାହୁ ନିରଞ୍ଜନ ପ୍ରଧାନ, ମନୋଜ ପ୍ରଧାନ, ବିଭୁତି ସାହୁ, ରଙ୍ଗାଧର ନାହାକ, ପୁପୁନା ଦାସ, ଜସ୍ମିନ ପ୍ରଧାନ, ନରେଶ ଚନ୍ଦ୍ର ବେହେରା, ସୌମ୍ୟ ପ୍ରସାଦ ଖୁଣ୍ଟିଆ, ସୁବାସ ପ୍ରଧାନ ଙ୍କ ସମେତ ବିଭୀଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ମାନେ ମନ୍ତ୍ରୀ ଙ୍କର କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ମତ ପ୍ରଦାନ କରିଥିଲେ ।ଶେଷରେ ବରିଷ୍ଠ ନେତା ରାଜେନ୍ଦ୍ର ସିଂହ ଧନ୍ୟବାଦ ଦେଇଥିଲେ ।ତାଳଚେର ବିଧାନସଭା ର ସମସ୍ତ ମଣ୍ଡଳ ର ସଭାପତି, ବରିଷ୍ଠ ନେତା ଓ ବିଭୀଧ କ୍ଷେତ୍ରର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର +୨ ପାସହାର ୯୪ପ୍ରତିଶତ

କେନ୍ଦ୍ରାପଡ଼ା,୨୧।୫ : +୨ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। କେନ୍ଦ୍ରାପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାମଗ୍ରିକ ଭାବେ +୨ ପାସ ହାର ୯୪ପ୍ରତିଶତ ରହିଛି। ବିଦ୍ୟାଳୟର +୨କଳାରେ ମୋଟ ୩୮୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୮୧ଜଣ, ଦ୍ୱିତୀୟ ଶ୍ରେଣୀରେ ୭୮ଜଣ ଓ ତୃତୀୟ ଶ୍ରେଣୀରେ ୯୩ଜଣ ପାସ କରିଛନ୍ତି। ୨୬ଜଣ ଫେଲ ହୋଇଥିବା ବେଳେ ମୋଟ ୩୫୨ଜଣ ପାସ କରିଛନ୍ତି। ବିଦ୍ୟାଳୟର କଳାରେ ପାସ ହାର ୯୨.୬୩ପ୍ରତିଶତ ହୋଇଛି। +୨ ବିଜ୍ଞାନରେ ବିଦ୍ୟାଳୟର ମୋଟ ୫୧୦ଜଣ ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୩୮୫ଜଣ, ଦ୍ୱିତୀୟ ଶ୍ରେଣୀରେ ୭୮ଜଣ ଓ ତୃତୀୟ ଶ୍ରେଣୀରେ ୧୬ଜଣ ପାସ କରିଥିବା ବେଳେ ମୋଟ ୪୭୯ଜଣ ପାସ କରିଛନ୍ତି। ୨୬ଜଣ ପିଲା ଫେଲ ହୋଇଥିବା ବେଳେ ବିଦ୍ୟାଳୟର ବିଜ୍ଞାନ ପାସହାର ୯୩.୯୨ପ୍ରତିଶତ ହୋଇଛି। ସେହିଭଳି +୨ ବାଣିଜ୍ୟରେ ମୋଟ ୩୫୩ଜଣ ପିଲା ପରୀକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୨୨୩ଜଣ, ଦ୍ୱିତୀୟ ଶ୍ରେଣୀରେ ୫୦ଜଣ ଓ ତୃତୀୟ ଶ୍ରେଣୀରେ ୬୩ଜଣ ପାସ କରିଥିବା ବେଳେ ମୋଟ ୩୩୬ଜଣ ପାସ କରିଛନ୍ତି। ୧୭ଜଣ

# ବାଲ୍ୟ ବିବାହ ନିରାକରଣ ନିମନ୍ତେ 'ଶିଶୁ ପାଇଁ ଦିନଟିଏ' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ରାୟଗଡ/ କୋଲନାରା,(ପି.ଏନ):ରାୟଗଡ ବ୍ଲକ ଓ କୋଲନାରା ବ୍ଲକ ସମିଳନୀ କକ୍ଷରେ ବାଲ୍ୟବିବାହ ନିବାରଣ ନିମନ୍ତେ ବ୍ଲକ ପ୍ରସଶାସନ ତରଫରୁ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି କ୍ଷ ଅଳ୍ପ ବୟସରେ କିଶରୀ ବାଳିକା ମାନେ ଭଲପାଇ ମାତେତ୍ୱ ଲାଭ କରୁଛନ୍ତି ଓ କମ ବୟସରେ ବାହାଘର କରିଦେଉଥିବାର ଦେଖିବାକୁ ମିଳୁଥିବାରୁ ଏହାକୁ ରୋକିବା ପାଇଁ ବିଭିନ୍ନ ଗୋଷ୍ଠୀକୁ ସଚେତନତା କରାଯାଇଥିଲା । ସେଥିପାଇଁ ବ୍ଲକ ପ୍ରଶାସନ ର ଶିଶୁ ବିକାଶ ବିଭାଗ ଅନ୍ତର୍ଗତ ଶିଶୁ ସୁରକ୍ଷା ୟୁନିଟଅଭିନବ ପଦକ୍ଷେପ ସଦୃଶ ସଚେତନତା କାର୍ଯ୍ୟକ୍ରମ ଆଜ ୨୨/ ୦୫/ ୨୫ତାରିଖରେ ରାୟଗଡ଼ ବ୍ଲକ, ପୌର ପରିଷଦ ଓ କୋଳାନାରା ବ୍ଲକରେ ଅନୁଷ୍ଠିତ ଗୋଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷୟତ୍ରୀ, ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟକ୍ଷା,ଛାତ୍ରୀନିବାସରମେଟ୍ରୋନ, ସମସ୍ତ ପଂଚାୟତ ଅଧିକାରୀ,



ଅଙ୍ଗନବାଡି କର୍ମୀ, ଆଶା ଓ ସ୍ୱାସ୍ଥ୍ୟକର୍ମୀ,ଜାତି କୂଳ ସମାଜ କର୍ମକର୍ତ୍ତକ୍ଷ,ଧାର୍ମିକ ସଂଘାଠନରକର୍ମର୍ତ୍ତା, ପଂଚାୟତରାଜ ସଦସ୍ୟ, ଟେଣ୍ଟ ହକ୍ଷଉସ ମାଲିକ ଆଦିକୁ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜି କଲ୍ୟାଣ ଅଧିକାରୀ, ଶ୍ରମତୀ ମିନତି ଦେଓ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ବସନ୍ତ କୁମାର ପ୍ରଧାନ, ଜିଲ୍ଲା ମହଳା ସୁରକ୍ଷା ଅଧିକାରୀ ପ୍ରତିମା ରାଣୀ ଦାଶ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ କାଳୁଚରଣ ନାୟକ, ଶିଶୁ ବିକାଶ ଅଧିକାରୀ, ମିନାକ୍ଷୀ ଦାଶ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁନୀଲ କୁମାର ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରାମର୍ଶ ଦାତାନିରାକାରପାଢ଼ୀ, ଟାଉନ ଥାନାର ଉପ ନିରୀକ୍ଷକ ଆଦି ଯୋଗଦାନ କରି ବାଲ୍ୟବିବାହ ବିରୋଧ ସମ୍ପର୍କରେ ସଚେତନତା କରିଥିଲେ କ୍ଷ ବରିଷ୍ଠ ଶିକ୍ଷକ ନୀଳାଚଳ ମିଶ୍ର ମଞ୍ଚ ପରିଚାଳନା କରିଥିଲେ । ସେହିପରି କୋଲନରଲ ବ୍ଲକ କାର୍ଯ୍ୟକ୍ରମରେ ମଧ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ ରୀନା ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶିଶୁ ବିକାଶ ଅଧିକାରୀ ବିଜୟାଲକ୍ଷ୍ମୀନିଶାଙ୍କ ଓ ଅନ୍ୟାନ୍ୟ ସଂସକ୍ଷଧକ ମାନେ ଯୋଗଦାନ କରି ସଚେତନତା କରିଥିଲେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



TUITION CLASSES for Std I to Std V Timing: 5 PM to 6.30 PM

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray